୬ ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ସାମିଲ ହେବ ବିସିସିଆଇ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୭୫ ● ୨୩ ଜୁଲାଇ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-175 ●23rd July 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଦୁର୍ନୀତି ବିରୁଦ୍ଧରେ ରାଜ୍ୟ ସରକାରଙ୍କ କଡା ଆଭିମୁଖ୍ୟ

# ଡାକ୍ତର ଓ ଯୋଗାଣ ନିରୀକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୭
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ଦୁର୍ନୀତି ବିରୁଦ୍ଧରେ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତିକୁ ସରକାର ଆପଣେଇଛନ୍ତି। ଦୁର୍ନୀତିରେ ଲିପ୍ତ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରକ୍ରିୟା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ମେଡିକାଲ ଅଫିସର ଡାକ୍ତର କରୁଣାକର ରାଉତଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଡାକ୍ତର ରାଉତ ବର୍ତ୍ତମାନ ଭଦ୍ରକ ଜିଲ୍ଲା ସଦର ମହକୁମା ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ଏବଂ କ୍ୟାନ୍‌ସର ବିଭାଗର ବରିଷ୍ଠ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି।

ସୂଚନାଯୋଗ୍ୟ ଯେ, ଡାକ୍ତର କରୁଣାକର ରାଉତଙ୍କ ନାମରେ କଟକ



ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ କେସ୍ ରୁଜୁ ହୋଇଥିଲା। ଡାକ୍ତର ରାଉତଙ୍କ ନାମରେ ମଧ୍ୟ ବିଭାଗୀୟ ପ୍ରୋସିଡିଂ କରାଯାଇଥିଲା। ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହିତ ଅନ୍ୟାନ୍ୟ ଦଣ୍ଡବିଧାନ ମଧ୍ୟ କରାଯାଇଥିଲା। ଇତି ମଧ୍ୟରେ ଭିଜିଲାନ୍ସ କୋର୍ଟ ପକ୍ଷରୁ ରାୟ ପ୍ରକାଶ ପାଇବା ସହ ସଂପୃକ୍ତ ଡାକ୍ତରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି।

ଦୁର୍ନୀତି ବିରୁଦ୍ଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡା ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ଅନେକ ସମୟରେ କହି ଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉଚ୍ଚ ପଦସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଦୁର୍ନୀତି ଅଭିଯୋଗରେ ଚଢଉ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

ସେହିପରି ଦୁର୍ନୀତି ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଅନୁଗୁଳ ଜିଲ୍ଲା କଣିହା ବ୍ଲକର ପୂର୍ବତନ ଯୋଗାଣ ନିରୀକ୍ଷକ ବବିଲତା ବେହେରାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ବବିଲତା ବର୍ତ୍ତମାନ ବାରିପଦା ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଣ ନିରୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି ।

ଦୁର୍ନୀତି ବିରୁଦ୍ଧରେ *(ପୃଷ୍ଠା ୭ରେ)*

## ଡିଏଫ୍‌ଓ ନିତ୍ୟାନନ୍ଦ ନାୟକ ଗିରଫ

ଭୁବନେଶ୍ୱର, ୨୨।୭
ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର କେନ୍ଦୁପତ୍ର ଡିଭିଜିନ ଡିଏଫଓ ନିତ୍ୟାନନ୍ଦ ନାୟକଙ୍କୁ ମଙ୍ଗଳବାର ଭିଜିଲାନ୍ସ ବିଭାଗ ଗିରଫ କରିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । ୩ ଦିନ ହେବ କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ ନିତ୍ୟାନନ୍ଦ ନାୟକଙ୍କ ଘର ଓ କାର୍ଯ୍ୟାଳୟ ଉପରେ ଚଢଉ ଜାରି ରହିଥିଲା। ବିଭାଗ ପକ୍ଷରୁ କେନ୍ଦୁଝର, ଅନୁଗୋଳ ଓ ନୟାଗଡ଼ ଜିଲ୍ଲାର ମୋଟ ୭ଟି ଠିକଣାରେ ଏକକାଳୀନ ଚଢ଼ଉ କରାଯାଇଥିଲା। ତେବେ ଚଢ଼ଉ ସମୟରେ ବାବୁଙ୍କ ଜମି କିଣା ସଉକ *(ପୃଷ୍ଠା ୭ରେ)*

## ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ମାମଲା : କ୍ରାଇମ୍‌ବ୍ରାଞ୍ଚ ତଦନ୍ତରେ ହାଇକୋର୍ଟ ସନ୍ତୁଷ୍ଟ

# ଏଜିଙ୍କ ପକ୍ଷରୁ ଜବାବ ଦାଖଲ : ବିଜେଡି, କଂଗ୍ରେସକୁ ନୋଟିସ୍

କଟକ, ୨୨।୭ : ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଘଟଣାକୁ ନେଇ ରୁଜୁ ମାମଲାରେ ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ମଙ୍ଗଳବାର ହାଇକୋର୍ଟରେ ପକ୍ଷ ରଖିବା ସହ ଏ ସଂକ୍ରାନ୍ତ କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ । ଅପରପକ୍ଷରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପରେ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହାଇକୋର୍ଟ ଏଥିରେ ଉଭୟ ଦଳକୁ ନୋଟିସ୍ କରିଛନ୍ତି ।

ମାନବାଧିକାର କର୍ମୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ଏଫ୍‌ଏମ୍ କଲେଜ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ସେହି କଲେଜର ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହୋଇଥିଲେ । ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ସେ ବିଭିନ୍ନ ଫୋରମରେ ଅଭିଯୋଗ ମଧ୍ୟ କରିଥିଲେ । କିନ୍ତୁ ସବୁଠୁ ନିରାଶ ହେବା ପରେ ଗତ ୧୪




ତାରିଖରେ ଚରମ ପଦକ୍ଷେପ ନେଇଥିଲେ। ନିଜ ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ । ୨୪ ଘଣ୍ଟା ଚିକିତ୍ସା ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା।

ଏହି ଘଟଣାର ଉପଯୁକ୍ତ ତଦନ୍ତ ହେବାର ଆବଶ୍ୟକତା ରହିଛି। ଏହି ଘଟଣାର ଭବିଷ୍ୟତରେ ପୁନରାବୃତ୍ତି ଯେପରି ନ ଘଟେ ସେଥିପାଇଁ ଅଦାଲତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହାର ତଦନ୍ତର ଆବଶ୍ୟକତା ରହିଛି ବୋଲି ଆବେଦନକାରୀ ଉଲ୍ଲେଖ କରିଛନ୍ତି । ଅଦାଲତ କିଛି ନିରପେକ୍ଷ ଅଧିକାରୀଙ୍କୁ ନେଇ ଏକ ଏସ୍‌ଆଇଟି ଗଠନ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ କହିଛନ୍ତି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ତଦନ୍ତ ଶେଷ ପାଇଁ ଅଦାଲତ ସମୟ ଧାର୍ଯ୍ୟ କରନ୍ତୁ। ଛାତ୍ରୀଙ୍କୁ ଯୌନ ନିର୍ଯାତନା, ଆତ୍ମହତ୍ୟା ପାଇଁ ପ୍ରରୋଚିତ କରିବା, ମହାବିଦ୍ୟାଳୟ ପ୍ରଶାସନର ଭୂମିକା, ୟୁଜିସି ଗାଇଡ୍‌ଲାଇନ୍ କର୍ଯ୍ୟକାରୀ ହେଉଛି କି' ନାହିଁ ଏ ସବୁ ଦିଗକୁ ନେଇ ତଦନ୍ତ ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ଏହି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଥିଲାବେଳେ ପୁଲିସ୍ ଡିଜି ଏହି ତଦନ୍ତର ସ୍ଥିତି କ'ଣ ରହିଛି ସେ ରିପୋର୍ଟ ଅଦାଲତରେ ଦାଖଲ କରିବାକୁ *(ପୃଷ୍ଠା ୭ରେ)*

### ବିରୋଧୀଙ୍କ ହଟ୍ଟଗୋଳ ଜାରି

## ଦ୍ୱିତୀୟ ଦିନ ପାଇଁ ଲୋକସଭା ମୁଲତବୀ

ନୂଆଦିଲ୍ଲୀ, ୨୨।୭

ବିରୋଧୀ ଦଳଗୁଡିକ ଦ୍ୱାରା ଲଗାତାର ବାଧା ସୃଷ୍ଟି ହେବା ପରେ ମଙ୍ଗଳବାର ଲୋକସଭାରେ କୌଣସି କାର୍ଯ୍ୟ ସମ୍ଭବ ହୋଇ ପାରିନାହିଁ । ଫଳରେ ମଙ୍ଗଳବାର ଦ୍ୱିତୀୟ ଦିନ ପାଇଁ ଲୋକସଭାକୁ ମୁଲତବୀ ରଖାଯାଇଛି।

ମଙ୍ଗଳବାର ଅପରାହ୍ନ ୨ଟାରେ ଗୃହ ପୁନର୍ବାର ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଇଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ଦିଲୀପ ସାଇକିଆ ଆନ୍ଦୋଳନରତ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିଯିବା ଏବଂ ଗୃହକୁ କାର୍ଯ୍ୟ କରିବାକୁ ଦେବାକୁ ଅନୁରୋଧ କରିଥିଲେ ମଧ୍ୟ ପ୍ରତିବାଦରତ ସଦସ୍ୟମାନେ ସେଥିପ୍ରତି କର୍ଣ୍ଣପାତ କରିନଥିଲେ। *(ପୃଷ୍ଠା ୭ରେ)*

# ବରିଷ୍ଠ ଆଇଏଏସ୍ ଓ ଜିଲ୍ଲାପାଳ ସ୍ତରରେ ଅଦଳବଦଳ

## ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ମୋହନ ସରକାରଙ୍କ ପ୍ରୟାସ

### ହେମନ୍ତ ଶର୍ମା ନିଜ ଦାୟିତ୍ୱ ସହ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ନିଯୁକ୍ତ, ଚଞ୍ଚଳ ରାଣା ହେଲେ ବିଏମ୍‌ସି କମିଶନର

ଭୁବନେଶ୍ୱର, ୨୨।୭
ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ଆଇଏଏସ୍ ଏବଂ ଜିଲ୍ଲାପାଳ ସ୍ତରରେ ରାଜ୍ୟ ସରକାର ଏକ ବଡ ଧରଣର ଅଦଳବଦଳ କରିଛନ୍ତି। ମଙ୍ଗଳବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ଶାସନ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ, ସକ୍ରିୟ ତଥା ଲୋକାଭିମୁଖୀ କରିବା ସହିତ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାର ସୁଫଳ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା



ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଶାସନର ବର୍ଷପୂର୍ତ୍ତି ପରେ ସରକାର ସଚ୍ଚୋଟ ତଥା ଦକ୍ଷ ଅଧିକାରୀଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଅବସ୍ଥାପିତ କରିଛନ୍ତି। ଏହି କ୍ରମରେ ୧୯୯୫ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଧିକାରୀ ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ଭାବେ ସରକାର ନିଯୁକ୍ତି ଦେଇଛନ୍ତି। ଏଥି ସହ ଶ୍ରୀ ଶର୍ମା ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଇପିକଲ୍‌ର ଚେୟାରମ୍ୟାନ୍ ଦାୟିତ୍ୱ ମଧ୍ୟ ତୁଲାଇବେ।

ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ରଥଯାତ୍ରା ସମୟରେ ପୁରୀ ଜିଲ୍ଲାପାଳ *(ପୃଷ୍ଠା ୭ରେ)*

# ରାଜ୍ୟରେ ସୃଷ୍ଟି ହେବ ଅଧିକ ୬୩୫୮ ବୁଥ

ଭୁବନେଶ୍ୱର, ୨୨।୭
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ମଙ୍ଗଳବାର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଗୁଡିକ ସହ ବୈଠକ କରିଛନ୍ତି। ଏହି ବୈଠକରେ ରାଜ୍ୟରେ ଅଧିକ ୬୩୫୮ ବୁଥ ସୃଷ୍ଟି ଏବଂ ବୁଥ ସ୍ତରୀୟ ଏଜେଣ୍ଟ(ବିଏଲଏ)ଙ୍କୁ ନିଯୁକ୍ତ ବେଳେ ଆବେଦନ ଫର୍ମରେ ଫଟୋ ଏବଂ ମୋବାଇଲ ନମ୍ବର ନିଶ୍ଚିତ ଦେବାକୁ ପଡିବ ବୋଲି ସେ ଉପସ୍ଥିତ ରାଜନୈତିକ ଦଳ ଗୁଡିକର ସଦସ୍ୟଙ୍କୁ କହିଥିଲେ ।

ଭୋଟରଙ୍କ ସୁବିଧା ତଥା ଭିଡ କମାଇବା ସକାଶେ ପୂର୍ବରୁ ୧୫୦୦ ଭୋଟରଙ୍କୁ ନେଇ ଗଠନ ହେଉଥିବା ବୁଥ ଏଣିକି ୧୨୦୦ ଭୋଟରରେ ସୀମିତ



କରାଯିବ । ଏଥି ନିମନ୍ତେ ଅଧିକ ୬୩୫୮ ବୁଥ ସୃଷ୍ଟି ହେବ । ମତଦାନର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ୧୨୦୦ରୁ ଅଧିକ ଭୋଟର ଥିବା ମତଦାନ କେନ୍ଦ୍ରଗୁଡ଼ିକୁ ଏହି ପ୍ରକ୍ରିୟାରେ ଯୋଡ଼ା ଯିବ। ନିର୍ବାଚନ ପୂର୍ବରୁ ଭୋଟରଙ୍କ ପ୍ରବେଶକୁ ସରଳ କରିବା ଏବଂ ମତଦାନ କେନ୍ଦ୍ରରେ ଭିଡ଼ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ସେହିପରି ବୁଥ ସ୍ତରୀୟ ଏଜେଣ୍ଟଙ୍କୁ ନିଯୁକ୍ତ ବେଳେ ଆବେଦନ ଫର୍ମରେ ଫଟୋ ଏବଂ ମୋବାଇଲ *(ପୃଷ୍ଠା ୭ରେ)*

## ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର, ୨୨।୭
ନ୍ୟୁଜ୍ ବ୍ୟୁରୋ

ଚମ୍ପୁଆଠାରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ସୁନ୍ଦରଗଡ଼ର ସଞ୍ଜିତ ଲାଖୁଆ (ପିତା –ସୁଧା ଲାଖୁଆ)ଙ୍କ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଦୁର୍ଘଟଣାରେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

# ସୁଭଦ୍ରା ସମୀକ୍ଷାର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ

## ସର୍ଭେ କରିବେ କଲେଜ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୨।୭
ନ୍ୟୁଜ୍ ବ୍ୟୁରୋ

ସୁଭଦ୍ରା ଆଜି ଓଡ଼ିଶାର କୋଣେ ଅନୁକୋଣରେ ପହଞ୍ଚି ମା' ଓ ଭଉଣୀମାନଙ୍କର ଆର୍ଥିକ ଆବଶ୍ୟକତାକୁ ପୂରଣ କରୁଛି ଏବଂ ସେମାନଙ୍କ ଇଚ୍ଛା ତଥା ସ୍ୱପ୍ନକୁ ନୂଆ ରୂପ ପ୍ରଦାନ କରୁଛି । ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ସୁଭଦ୍ରା ଯୋଜନା ଆରମ୍ଭର ମୂଳ ଲକ୍ଷ୍ୟ । ସୁଭଦ୍ରା ସହାୟତା ଓଡ଼ିଶାର ମା' ଭଉଣୀମାନଙ୍କ ଜୀବନରେ କ'ଣ ପରିବର୍ତ୍ତନ ଆଣିଛି ଓ ଆଉ କଣ କଲେ ସୁଭଦ୍ରା କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିହେବ –ଏପରି ପ୍ରଶ୍ନଗୁଡିକରୁ ଉତ୍ତର ପାଇବା ପାଇଁ ମହିଳା ଏବଂ ଶିଶୁ ବିକାଶ ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଆଇଆଇଏମ ସମ୍ବଲପୁରର ସହଭାଗୀତାରେ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମତ ପ୍ରକାଶ କରିଛନ୍ତି । ମଙ୍ଗଳବାର ଭୁବନେଶ୍ୱରସ୍ଥିତ ୟୁନିଟ୍–୯ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଶୁକବିହାର ଶନିବିହାର ଅଙ୍ଗନବାଡି କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*

## ଏନ୍‌ଏଚ୍‌ଆରସିର ଓଡିଶା ଶିବିର ଖୋଲା ଶୁଣାଣି ଶେଷ

# ୧୪୪ ମାମଲାରେ ୨୮ ଲକ୍ଷ ଟଙ୍କା କ୍ଷତିପୂରଣ ସୁପାରିସ

ଭୁବନେଶ୍ୱର, ୨୨।୭
ନ୍ୟୁଜ୍ ବ୍ୟୁରୋ

ରାଷ୍ଟ୍ରୀୟ ମାନବ ଅଧିକାର ଆୟୋଗ ମଙ୍ଗଳବାର ପୂର୍ଣ୍ଣ କମିଶନ ଏବଂ ଡିଭିଜନ ବେଞ୍ଚରେ ୧୪୪ଟି ମାମଲାର ଶୁଣାଣି କରି ଏହାର ଦୁଇ ଦିନିଆ ଭୁବନେଶ୍ୱର ଶିବିର ବୈଠକ ସମାପ୍ତ କରିଛି ଏବଂ ଓଡିଶା ରାଜ୍ୟରେ ମାନବାଧିକାର ଉଲ୍ଲଂଘନର ପୀଡିତମାନଙ୍କୁ ୨୮ ଲକ୍ଷ ଟଙ୍କା ସହାୟତା ସୁପାରିସ କରିଛି।

ରାଷ୍ଟ୍ରୀୟ ମାନବ ଅଧିକାର ଆୟୋଗ ଅଧ୍ୟକ୍ଷ, ନ୍ୟାୟମୂର୍ତ୍ତି ଭି. ରାମାସୁବ୍ରମଣ୍ୟମ୍,




ସଦସ୍ୟ ଡକ୍ଟର ନ୍ୟାୟମୂର୍ତ୍ତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଜୟା ଭାରତୀ ସାୟାନି ମାମଲାଗୁଡ଼ିକର ଶୁଣାଣି କରିଥିଲେ। ସଦସ୍ୟା ପ୍ରିୟଙ୍କା କାନୁନଗୋ ଅନ୍ୟ କାର୍ଯ୍ୟ ଯୋଗୁଁ ଶୁଣାଣିରେ ଯୋଗ ଦେଇପାରି ନ ଥିବାରୁ, ଅଧ୍ୟକ୍ଷ ଏକକ *(ପୃଷ୍ଠା ୭ରେ)*

## ଆଗାମୀ ୫ ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୨।୭
ନ୍ୟୁଜ୍ ବ୍ୟୁରୋ

ଆଗାମୀ ୫ ଦିନ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ ।

ଆଗାମୀ ୨୪ ଘଣ୍ଟା ମଧ୍ୟରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୪ ଜିଲ୍ଲା(ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୭ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, *(ପୃଷ୍ଠା ୭ରେ)*

## ଏକାଳ ପଖାଳ



କଣ କହିବା କୁହ ଜନେ
ପାଟିରେ ନାହିଁ ଯେ ଭାଷା
ନାରୀ ଜାତିକୁ ଖେଳନା ଭାବନ୍ତି
ବଦଳେ ସମାଜ ଦିଶା
ଏମିତି ନଥିଲା ଆଶା
ଗଣ ଦୁଷ୍କର୍ମରେ ରାଇଜ ସ୍ତବ୍ଧ
ନେତାଙ୍କୁ ହେଇଛି ନିଶା ।

# ୬୨ ବର୍ଷ ପରେ ଅବସର ନେବ ଭାରତର ଐତିହାସିକ ଯୁଦ୍ଧବିମାନ



ନୂଆଦିଲ୍ଲୀ, ୨୨।୭

ଭାରତୀୟ ବାୟୁସେନା ତାର ଐତିହାସିକ ଯୁଦ୍ଧବିମାନ ମିଗ–୨୧କୁ ୬୨ ବର୍ଷର ସେବା ପରେ ଅବସର ଦେବାକୁ ପ୍ରସ୍ତୁତ ହେଉଛି । ଏହି ବିମାନର ଶେଷ ୟୁନିଟକୁ ସେପ୍ଟେମ୍ବର ୧୯ ତାରିଖରେ ଚଣ୍ଡିଗଡ଼ ବାୟୁସେନା ଘାଟିରେ ୨୩ ସ୍କ୍ୱାଡ୍ରନ ଦ୍ୱାରା ଏକ ସମ୍ମାନଜନକ ବିଦାୟ ସମାରୋହରେ ଅବସର ଦିଆଯିବ।

୧୯୬୩ ମସିହାରେ ଭାରତୀୟ ବାୟୁସେନାରେ ସାମିଲ ହୋଇଥିବା ମିଗ–୨୧ ୧୯୬୫ ଓ ୧୯୭୧ର ଭାରତ–ପାକିସ୍ତାନ ଯୁଦ୍ଧ, ୧୯୯୯ର କାର୍ଗିଲ ଯୁଦ୍ଧ, ୨୦୧୯ର ବାଲାକୋଟ ଆକ୍ରମଣ ଏବଂ ଅପରେସନ ସିନ୍ଦୂରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ତେବେ, ସାମ୍ପ୍ରତିକ ବର୍ଷଗୁଡ଼ିକରେ ଏହି ବିମାନ ୪୦୦ରୁ ଅଧିକ ଦୁର୍ଘଟଣାରେ ସାମିଲ ହୋଇଥିବା ଏବଂ ଅନେକ ପାଇଲଟଙ୍କ ଜୀବନହାନୀ ଘଟାଇଥିବା ଯୋଗୁଁ ଏହାକୁ ବିବାଦୀୟ ଉଡ଼ନ୍ତା ଶବପେଟି ବୋଲି କୁହାଯାଇଛି।

ବର୍ତ୍ତମାନ ଭାରତ ହେଉଛି ମିଗ–୨୧ର ସର୍ବବୃହତ ଅପରେଟର। ସୋଭିଏତ ସଂଘର ମିକୋୟାନ–ଗୁରେଭିଚ ଡିଜାଇନ ବ୍ୟୁରୋ ଦ୍ୱାରା ନିର୍ମିତ ଏହି ସୁପରସୋନିକ୍ ଯୁଦ୍ଧବିମାନ ପ୍ରାୟ ୬୦ଟି ଦେଶରେ ଉଡ଼ିଛି । ୧୯୬୦ ଦଶକରେ ସାମିଲ ହେବା *(ପୃଷ୍ଠା ୭ରେ)*

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୨।୭
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଶାସନ, ବିପର୍ଯ୍ୟୟ ପରିଚାଳନା ଏବଂ ରାଜ୍ୟର ସାମଗ୍ରିକ ବିକାଶ ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ କରିବା, ଭୂ ଏବଂ ରାଜସ୍ୱ ପ୍ରଶାସନକୁ ସୁବ୍ୟବସ୍ଥିତ କରିବା ଏବଂ ସାଧାରଣ ସେବା ପ୍ରଦାନରେ ଉନ୍ନତି ଆଣିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ପୂଜାରୀ ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବା, ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ସମଗ୍ର ଓଡ଼ିଶାରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ।

ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ନାଗରିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଆଗୁଆ ଯୋଜନା ଓ ବିଭିନ୍ନ ଏଜେନ୍ସି ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ପ୍ରଭାବିତ କରୁଛି ଯୁଦ୍ଧର ନିଆଁ

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦର ପ୍ରଭାବ ଏବେ ଭାରତର ବାସୁମତୀ ଚାଉଳ ଶିଳ୍ପ ଉପରେ ଦେଖାଯାଉଛି। ଇରାନକୁ ପଠାଯିବାକୁ ଥିବା ପ୍ରାୟ ୧ ଲକ୍ଷ ଟନ୍ ବାସୁମତୀ ଚାଉଳ ଗୁଜୁରାଟର କାଣ୍ଡଲା ଏବଂ ମୁନ୍ଦ୍ରା ବନ୍ଦରରେ ଫସି ରହିଛି। କାରଣ ଇରାନ ପାଇଁ ନା ପରିବହନ ଜାହାଜ ଉପଲବ୍ଧ ଅଛି ନା ବୀମା କମ୍ପାନୀଗୁଡ଼ିକ ସେହି ପରିବହନକୁ କଭର କରୁଛନ୍ତି। ସାଉଦି ଆରବ ଭାରତରୁ ବାସୁମତୀ ଚାଉଳ ଆମଦାନୀ କରିବା କ୍ଷେତ୍ରରେ ସବୁଠାରୁ ବଡ଼ ଗ୍ରାହକ ହୋଇଥିବା ବେଳେ ଇରାନ ଦ୍ୱିତୀୟ ସ୍ଥାନରେ ଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ମାର୍ଚ୍ଚ ସୁଦ୍ଧା, ଭାରତ ଇରାନକୁ ପ୍ରାୟ ୧୦ ଲକ୍ଷ ଟନ୍ ବାସୁମତୀ ଚାଉଳ ରପ୍ତାନି କରିଥିଲା। ଏଥିମଧ୍ୟରୁ, ବର୍ତ୍ତମାନ ୧୮-୨୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୧ ଲକ୍ଷ ଟନ୍ ଚାଉଳ ବନ୍ଦରଗୁଡ଼ିକରେ ଫସି ରହିଛି। ପିଟିଆଇରେ ଦେଇଥିବା ଏକ ସାକ୍ଷାତକାରରେ ଅଲ୍ ଇଣ୍ଡିଆ ରାଇସ୍ ଏକ୍ସପୋର୍ଟର୍ସ ଆସୋସିଏସନ୍‌ର ସଭାପତି ସତୀଶ ଗୋୟଲ୍ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିରେ, ଏହା ବ୍ୟବସାୟୀମାନଙ୍କ ପାଇଁ ଏକ ବଡ଼ କ୍ଷତି ହୋଇପାରେ। ସତୀଶ ଗୋୟଲ ପିଟିଆଇକୁ କହିଛନ୍ତି ଯେ ବର୍ତ୍ତମାନ ଇରାନ ପାଇଁ କୌଣସି ଜାହାଜ ଉପଲବ୍ଧ ନାହିଁ ଏବଂ ବୀମା କଭରେଜ୍ ମଧ୍ୟ ଉପଲବ୍ଧ ନାହିଁ। ପ୍ରକୃତରେ, ଯୁଦ୍ଧ ପରି ପରିସ୍ଥିତିରେ ଅନ୍ତର୍ଜାତୀୟ ବୀମା ପଲିସିଗୁଡ଼ିକ କଭରେଜ୍ ପ୍ରଦାନ କରୁ ନାହିଁ ଏବଂ ଏହି କାରଣରୁ ବ୍ୟବସାୟୀମାନଙ୍କୁ ଚାଉଳ ପଠାଯିବାକୁ ଅନୁମତି ଦିଆଯାଉନାହିଁ। ଏବେ କେବଳ ଚାଉଳ ଅଟକି ଯାଇଛି ତାହା ନୁହେଁ, ବରଂ ଦେୟ ଅନିଶ୍ଚିତତା ମଧ୍ୟ ବୃଦ୍ଧି ପାଇଛି। ଏହି ପରିସ୍ଥିତିର ପ୍ରଭାବ ଘରୋଇ ବଜାର ଉପରେ ମଧ୍ୟ ଦେଖାଯାଉଛି। ବାସୁମତୀ ଚାଉଳର ମୂଲ୍ୟ କିଲୋ ପିଛା ୪ ରୁ ୫ ଟଙ୍କା ହ୍ରାସ ପାଇଛି। ଯେହେତୁ ଚାଉଳ ବିଦେଶକୁ ଯାଉନାହିଁ, ତେଣୁ ସ୍ଥାନୀୟ ଯୋଗାଣ ବୃଦ୍ଧି ପାଇଛି ଏବଂ ଏହା ଯୋଗୁଁ ମୂଲ୍ୟ ହ୍ରାସ ପାଉଛି। ବ୍ୟବସାୟୀମାନେ ଭୟ କରୁଛନ୍ତି ଯେ ଯଦି ଶୀଘ୍ର ସମାଧାନ ନ ମିଳେ, ତେବେ ସେମାନଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିପାରେ, ବିଶେଷକରି ଯେଉଁ ବ୍ୟବସାୟୀମାନେ ଇରାନ ସହିତ ଚୁକ୍ତି ଚୂଡ଼ାନ୍ତ କରିସାରିଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ବିଚାର କରି, ଅଖିଳ ଭାରତୀୟ ଚାଉଳ ରପ୍ତାନିକାରୀ ସଂଘ ଏପିଇଡିଏ ଏବଂ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ସହିତ ନିରନ୍ତର ଯୋଗାଯୋଗରେ ଅଛି। ଏହି ପ୍ରସଙ୍ଗରେ ଜୁନ୍ ୩୦ ତାରିଖରେ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହ ଏକ ବୈଠକ ପ୍ରସ୍ତାବିତ ହୋଇଛି। ଏହି ବୈଠକରେ କେବଳ ବର୍ତ୍ତମାନର ସଙ୍କଟ ଉପରେ ଆଲୋଚନା ହେବ ନାହିଁ, ବରଂ ଭବିଷ୍ୟତରେ ଏପରି ପରିସ୍ଥିତିକୁ ରୋକିବା ପାଇଁ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରାଯାଇପାରେ। କେବଳ ୨୦୨୪-୨୫ରେ ଭାରତ ପ୍ରାୟ ୬୦ ଲକ୍ଷ ଟନ୍ ବାସୁମତୀ ଚାଉଳ ରପ୍ତାନି କରିଛି, ଯାହା ମଧ୍ୟରୁ ଏକ ବଡ଼ ଅଂଶ ମଧ୍ୟପ୍ରାଚ୍ୟ ଏବଂ ପଶ୍ଚିମ ଏସିଆର ଦେଶଗୁଡ଼ିକୁ ଯାଇଛି। ପ୍ରମୁଖ ଗ୍ରାହକ ଦେଶଗୁଡ଼ିକ ମଧ୍ୟରେ ସାଉଦି ଆରବ, ଇରାନ, ଇରାକ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଆମେରିକା ରହିଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଯୁଦ୍ଧର ନିଆଁ କେବଳ ସୀମା ପର୍ଯ୍ୟନ୍ତ ପହଞ୍ଚେ ନାହିଁ, ବରଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରେ। ଭାରତର ବାସୁମତୀ ଚାଉଳ ରପ୍ତାନିକାରୀମାନେ ଏହି ସମୟରେ ଦ୍ୱିଗୁଣିତ ଆଘାତର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ପରିବହନ ଏବଂ ବୀମା ସମସ୍ୟା ରହିଛି, ଅନ୍ୟପଟେ ଘରୋଇ ବଜାରରେ ମୂଲ୍ୟ ହ୍ରାସ ଏବଂ ଦେୟ ସଙ୍କଟ ରହିଛି। ଯଦି ଆଗାମୀ ସପ୍ତାହଗୁଡ଼ିକରେ ପରିସ୍ଥିତିରେ ଉନ୍ନତି ନହୁଏ, ତେବେ ଭାରତର ଚାଉଳ ଶିଳ୍ପ ଉପରେ ଦୀର୍ଘକାଳୀନ ପ୍ରଭାବ ପଡ଼ିପାରେ।

# ଜରା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବୃଦ୍ଧ ହୋଇଗଲା ପରେ ଶରୀର ଉପରେ ଥିବା ଚର୍ମର ଶ୍ଲଥ ଅବସ୍ଥାକୁ ହିଁ କୁହାଯାଏ ଜରା। ପ୍ରକୃତିର ନିୟମରେ ଏହାହିଁ ଜୀବନର ଶେଷ ଯବନିକା ଓ ଶରୀର ତ୍ୟାଗ ପରେ ଆରମ୍ଭ ହୁଏ କୋକେଇ ସଜା ସହ ରାମ ନାମ ସତ୍ୟ ହେ- ହରିନାମ ସତ୍ୟ ହେ। ଏହାହିଁ ଚିରନ୍ତନ। କାଳର ଏପରି ଚକ୍ରରୁ କେହି ବାହାରି ଯାଇ ନାହାନ୍ତି କି ଇଚ୍ଛା କଲେ ବି ବାହାରି ପାରିବେ ନାହିଁ। ଯେଉଁମାନେ ସିଦ୍ଧ, ସାଧକ ବା ଜୀବନତତ୍ତ୍ୱ ସମ୍ପର୍କରେ ସାଧନା କରିଥାନ୍ତି ସେମାନଙ୍କ କଥା ଏସବୁର ଊର୍ଦ୍ଧ୍ୱରେ। ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ସମସ୍ତ ମାୟାର ଊର୍ଦ୍ଧ୍ୱରେ ଥାଇ ମଧ୍ୟ ଜରା କବଳିତ ହୋଇ ଶେଷରେ ଦେହତ୍ୟାଗ କରିଥିଲେ। ଜରା ଶବରଙ୍କ ତୀରରେ ପ୍ରଭୁଙ୍କର ପ୍ରାଣ ଯାଇଥିଲା। ଜରାଙ୍କ ଅଲକ୍ଷ୍ୟରେ ତାଙ୍କ ହାତରୁ ଛୁଟି ଯାଇଥିଲା ସେପରି ଏକ ମୃତ୍ୟୁ ଦୂତ। ପ୍ରଥମେ ପାଦର ବୃଦ୍ଧାଙ୍ଗୁଳିରୁ ମୃତ୍ୟୁର ସ୍ପର୍ଶ ଆସି କ୍ରମଶଃ ତାହା ଦେହରେ ସଞ୍ଚାରିତ ହୋଇଯାଏ। ଏହା କୌଣସି ଅନୁଭବୀ ବା ଚିକିତ୍ସକମାନଙ୍କ କଥା ନୁହେଁ। ମାତ୍ର କେତେଜଣଙ୍କର ଏହା କଳ୍ପିତ ମୃତ୍ୟୁର ପ୍ରଚାରର କଥା। ଯଦି ଏପରି, ତେବେ ଭ୍ରମବଶତଃ ଜରାଙ୍କ ଦ୍ୱାରା ପ୍ରେରିତ ଶର ପ୍ରଭୁଙ୍କ ପାଦପଦ୍ମର ବୃଦ୍ଧାଙ୍ଗୁଳିରେ ହିଁ ବାଜିଥିଲା। ଏପରି ସବୁ ବାଖ୍ୟାର ସତ୍ୟତା କ'ଣ ତାହା ବିଶ୍ଳେଷଣର ଆବଶ୍ୟକତା ରହିଛି। ତେବେ ପ୍ରତ୍ୟେକ ଶରୀରକୁ ଜରା ଏହିପରି କବଳିତ କରି ହଠାତ୍ ମୃତ୍ୟୁ ଆଡ଼କୁ ଆଗେଇ ନେଇଯାଏ। ସେଥିରୁ କାହାର ନିସ୍ତାର ନାହିଁ। ପ୍ରଭୁଙ୍କ ଅନ୍ୟ ନାମ ଥିଲା ମଦନମୋହନ। ମଦ (ଅହଂକାରରୁ ଜାତ ଏକ ମାନସିକ ବୃତ୍ତି) କି ମୋହ (ଆସକ୍ତି) ତାଙ୍କର ନଥିଲା। ନିଜର ଯଦୁବଂଶ ଧ୍ୱଂସ କରିବା ସହ ଗଢ଼ିଥିବା ଦ୍ୱାରକାକୁ ସେ ମହାସମୁଦ୍ରରେ ବୁଡ଼ାଇ ଦେଇଥିଲେ। ଶେଷରେ ପୁତ୍ର ପ୍ରଦ୍ୟୁମ୍ନଙ୍କୁ ଚକ୍ରରେ ମାରିବା ପରେ ଆତ୍ମା ସଦୃଶ ତୃତୀୟ ପାଣ୍ଡବଙ୍କ କଳାହରଣ କରି ନିଜ ଦିବ୍ୟ ଧାମକୁ ଫେରି ଯାଇଥିଲେ ପ୍ରଭୁ। ଏହା ସବୁ ହୁଏତ କବିର କଳ୍ପନା ହୋଇପାରେ ଓ ଏଥିରେ କେତେ ସତ୍ୟତା ରହିଛି ସେପରି ବିଶ୍ଳେଷଣ ହେବା ପରର କଥା। ମାତ୍ର ଏଥିରେ ଜରା ହିଁ ପ୍ରଭୁଙ୍କ ମୃତ୍ୟୁର ପରମ କାରଣ ଥିଲା, ତାହାକୁ ଆଦୌ ଅସ୍ୱୀକାର କରିହେବ ନାହିଁ।

ପ୍ରଶ୍ନ ଆସେ ମୃତ୍ୟୁ ପରେ ଯଦି ମଣିଷର ପୁନର୍ଜନ୍ମ ହେଉଛି ତେବେ ମଣିଷମାନଙ୍କ ପରି ରାଶି ରାଶି ପଶୁ, ପକ୍ଷୀ, କୀଟ, ପତଙ୍ଗ ଆଦି ସକଳ ଜୀବମାନଙ୍କ ପ୍ରତି ଏହା କଣ ପ୍ରଯୁଜ୍ୟ? ଯଦି ପୁନର୍ଜନ୍ମ ଅଛି, ତେବେ ସେମାନଙ୍କର ସେପରି ଜନ୍ମ ହେଉଛି କି? ଅବଶ୍ୟ ତାହାର ରହସ୍ୟ କେହି ଜାଣି ନାହାନ୍ତି କି କହି ବି ପାରିବେ ନାହିଁ। କହିଲେ ବି ସେଥିରେ ସତ୍ୟତା କେତେ ତାହା ମଧ୍ୟ ଜାଣିବା ସମ୍ଭବ ନୁହେଁ।

ହିନ୍ଦୁ ସମାଜରେ ମଣିଷର ମୃତ ଶରୀରକୁ କୋକେଇରେ ଶ୍ମଶାନକୁ ବୋହି ନିଆଯାଏ। ଦୁଇ ପାଖରେ ଦୁଇଟି ବାଉଁଶ ଦଣ୍ଡା ସହ ମଝିରେ ୪ଟି କଟା ବାଉଁଶର କଇଁଆ ବାନ୍ଧି କୋକେଇର ଶଯ୍ୟା ପ୍ରସ୍ତୁତ ହୁଏ। ଦୁଇ ପାଖର ଦୁଇଟି ବାଉଁଶ ଦଣ୍ଡା ହିଁ ଜନ୍ମ ଓ ମୃତ୍ୟୁର ପ୍ରତୀକ। ସେହିଭଳି ଚାରୋଟି ବାଉଁଶ କଇଁଆ ହେଉଛି ଚିତ୍ତ, ମନ, ବୁଦ୍ଧି ଓ ଅହଂକାର। ଯାହାକି ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଥିଲେ ମୃତକର ସହଚର। ଉପର ଆଲୋଚିତ ଚିତ୍ତ, ମନ, ବୁଦ୍ଧି ଓ ଅହଂକାର କିପରି ଓ ସେମାନେ କାହା ସହ ମିଳିତ ହୁଅନ୍ତି ତାହା ମଧ୍ୟ କେହି ଜାଣନ୍ତି ନାହିଁ। ରାମ ନାମ ସତ୍ୟ ହେ, ହରିନାମ ସତ୍ୟ ହେ କହିବାର ଅର୍ଥ ଥାଏ ଯେ ଭଗବାନଙ୍କ ନାମ ହିଁ ସତ୍ୟ ଓ ଜଗତର ଅନ୍ୟ ସବୁ ମିଥ୍ୟା। ମୃତ ଶରୀରର ମୁଣ୍ଡ ପଶ୍ଚିମ ଦିଗକୁ ରଖାଯାଏ। ପୂର୍ବ ଦିଗରେ ଭାନୁ ଉଦୟ ପରେ ପଶ୍ଚିମରେ ହୁଅନ୍ତି ଅସ୍ତ। ସେହିପରି ପଶ୍ଚିମ ଦିଗ ହିଁ ଜୀବନର ସନ୍ଧ୍ୟା। ଅର୍ଥାତ୍ ଶରୀରରେ ଆତ୍ମାର ଅଭ୍ୟୁଦୟ ପରେ ଆଜି ତାହା ଅସ୍ତ ହୋଇଯାଇଛି। ଶବ ଶ୍ମଶାନକୁ ଯିବା ପରେ ସେଠାରେ ମୃତକଙ୍କ ନିମନ୍ତେ ଶ୍ରାଦ୍ଧ ଦିଆଯାଏ। ଯାହାକି ପଥଶ୍ରାଦ୍ଧ ରୂପେ ପରିଚିତ। ସେଥିରେ ସଙ୍କେତ ଥାଏ ଯେ ତୁମେ ମୃତ। ବିଶ୍ୱାସ ଯେ ମୃତକର ମରଶରୀର ପ୍ରତି ଥାଏ ଗଭୀର ଆସକ୍ତି ଓ ସେ ସେପରି ଶରୀରରେ ପୁନଃ ପ୍ରବେଶ କରିବା ନିମନ୍ତେ ଅବିରତ ଚେଷ୍ଟା କରି ଚାଲିଥାଏ। କିପରି ବା ନହେବ? ଏତେଦିନ ପର୍ଯ୍ୟନ୍ତ ଯେଉଁ ଶରୀର ତାହାର ରହିବାର ସ୍ଥାନ ଥିଲା ତାକୁ ସହଜରେ ସେ ବା ଛାଡ଼ି ଯିବ କିପରି? ଶ୍ରାଦ୍ଧ କେବଳ ସେହି ମୃତକଙ୍କୁ ହେଜାଇ ଦେବା ପାଇଁ କରାଯାଇଥାଏ ଯେ ତୁମର ମୃତ୍ୟୁ ହୋଇଯାଇଛି। ଏପରି ଆଚରଣ କେତେଦୂର ଠିକ୍ ତାହା ସହଜରେ କହିହୁଏ ନାହିଁ। ସେହିଭଳି ମୃତ ଶରୀରକୁ ଅଗ୍ନିରେ ସମର୍ପଣ କରିବା ପୂର୍ବରୁ ସାତ ଘେରା ସେହି ଯୁଇ ଚାରିପାଖରେ ବୁଲାଯାଇଥାଏ। ଆଉ ବୁଲାଇବାବେଳେ ମାଲଭାଇମାନେ କହିଥାନ୍ତି ଯେ ଯଦି ଜୀବନ ଏହି ମୃତ ଶରୀରରେ ରହିଥାନ୍ତି ତେବେ ସେ ସେଥିରେ ସଞ୍ଚାରିତ ହୁଅନ୍ତୁ। ପୁଣି ଦଶଦିଗପାଳମାନଙ୍କୁ ସାକ୍ଷୀ ରଖି କହିଥାନ୍ତି ଯେ ଏହି ମୃତ ଶରୀରକୁ ଅଗ୍ନି ସମର୍ପଣରେ ଆମର କୌଣସି ଦୋଷ ନାହିଁ। ଏହାପରେ ଶବକୁ ଯଥାରୀତି ସଜ୍ଜିତ ଯୁଇ କାଠସବୁ ଉପରେ ରଖାଯାଏ। ମୃତକର ଜ୍ୟେଷ୍ଠ ସନ୍ତାନ ନଥିଲେ ଅନ୍ୟ ସନ୍ତାନ ବା ଅନୁପସ୍ଥିତରେ କେହି ପ୍ରିୟ ଲୋକ ମୁଖାଗ୍ନି ଦେଇ ସେହି ସ୍ଥାନରୁ ଚାଲି ଯାଇଥାନ୍ତି। ଜ୍ୟେଷ୍ଠ ସନ୍ତାନ ମୁଖାଗ୍ନି ଦେବାର ଅର୍ଥ ହେଲା ଯେ ମୃତକ ତାର ଜୀବନରେ ନିଜ ଔରସରୁ ଜନ୍ମିତ ପ୍ରଥମ ସନ୍ତାନକୁ ଯେତେ ଭଲ ପାଇଥାଏ ବା ଆଦର କରେ ସେପରି ସ୍ନେହ ଅନ୍ୟ ପ୍ରତି ନଥାଏ। ମୃତକର ଅନ୍ୟ ସନ୍ତାନ ଏପରିକି କନ୍ୟା ସନ୍ତାନମାନେ ପ୍ରଥମର ଅନୁପସ୍ଥିତରେ ମୁଖାଗ୍ନି ଦେଇପାରନ୍ତି। ମାତ୍ର କନ୍ୟା ସନ୍ତାନ ସେତେବେଳେ ରଜସ୍ୱଳା ବା ଗର୍ଭବତୀ ହୋଇ ନଥିବେ। ସହଜେ କନ୍ୟାମାନଙ୍କ ମନରେ କୋମଳତାର ଭାବ ପ୍ରକାଶିତ ହୋଇଥାଏ ଓ ସେପରି ଦୃଢ଼ତା ନଥାଏ। ଯଦି ଗର୍ଭବତୀ, ତେବେ ଭୟ ପାଇ ଗର୍ଭ ସ୍ଖଳନର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ବା ଗର୍ଭସ୍ଥ ସନ୍ତାନ ଉପରେ ସେପରି ଭୟାତୁର ଭାବନାର ପ୍ରଭାବ ପଡ଼ିବା ବି ଅସମ୍ଭବ ନୁହେଁ। ତେବେ ସୁସ୍ଥ ଥିଲେ କନ୍ୟା ସନ୍ତାନର ମୁଖାଗ୍ନି ଦେବାର କୌଣସି ବାଧକତା ନାହିଁ। ଶବ ଅଗ୍ନିରେ ଦଗ୍ଧ ହେବା ପରେ ମଡ଼ା ବୋହି ନେଇଥିବା ମାଲଭାଇମାନଙ୍କ ସହିତ ଅନ୍ୟ ଆତ୍ମୀୟମାନେ ଜଳୁଥିବା ଯୁଇ ଉପରେ ପ୍ରତ୍ୟେକ କାଠ ଖଣ୍ଡେ ପକାଇ ଓ ଆଉ ପଛକୁ ନଚାହିଁ ଆଗମୁହାଁ ହୋଇ ଶ୍ମଶାନରୁ ଫେରିଆସନ୍ତି। ଏପରି କରିବାର ଅର୍ଥ ହେଲା ଯେ ଜଳନ୍ତା ଯୁଇକୁ ପ୍ରଜ୍ୱଳିତ କରି ରଖିବା ବା ମୃତକର ଆତ୍ମାକୁ ସେମାନଙ୍କ ସହ ଆଉ ନ ଫେରିବାର ସଙ୍କେତ। ଶ୍ମଶାନରୁ ଫେରିବା ପରେ କୌଣସି ପୁଷ୍କରିଣୀରେ ସ୍ନାନ ସାରି ମୃତକର ଘରକୁ ପ୍ରବେଶ କରିବାକୁ ପଡ଼େ। ଗୃହ ମଧ୍ୟରେ ପ୍ରବେଶ କରିବାରେ ପ୍ରଥମେ ନିମ୍ବପତ୍ର ଓ ହଳଦୀ ପାଣିରେ ପାଦ ପ୍ରକ୍ଷାଳନ ସହ ଦେହରେ ତାହାକୁ ସିଞ୍ଚନ କରିବାକୁ ପଡ଼ିଥାଏ। ଏପରି ହେବାର ସଙ୍କେତ ଥାଏ ଯେ ନିମ୍ବ ପତ୍ର ଓ ହଳଦୀ ହିଁ ପ୍ରେତ ପ୍ରବେଶର ବାଧକ। ଯଦି ପ୍ରେତ ଶ୍ମଶାନରୁ ସେମାନଙ୍କ ସହ ଫେରିଥାଏ ତେବେ ଗୃହ ମଧ୍ୟକୁ ଯିବା ପାଇଁ ତାହାର ଉଦ୍ୟମକୁ ଏପରି କରିବାରେ ବାରଣ କରାଯାଏ। ପୁଣି ନିମ୍ବ ପତ୍ର ଓ ହଳଦୀ ଜୀବାଣୁ ନାଶକ। ଶବ ଦେହରୁ ଯଦି କୌଣସି ରୋଗର ଜୀବାଣୁ ଶ୍ମଶାନକୁ ଯାଇଥିବା ଲୋକମାନଙ୍କ ସହ ଆସିଥାଏ ତେବେ ଏହି ଦୁଇ ବିଶୋଧକଦ୍ୱାରା ସେମାନେ ଧ୍ୱଂସ ପାଇଯାଇଥାନ୍ତି। ଏହାପରେ ଆରମ୍ଭ ହୁଏ ପ୍ରେତ କ୍ରିୟା। ପରିବାର ସମ୍ପୃକ୍ତ ଲୋକମାନେ ଦିନରେ ସୂର୍ଯ୍ୟାସ୍ତ ପୂର୍ବରୁ ଥରେ ମାତ୍ର ଖାଇଥାନ୍ତି। ଖାଇବା ପଦାର୍ଥକୁ ସ୍ୱାଦଯୁକ୍ତ କରାଯାଇନଥାଏ। ଏପରିକି କ୍ଷୌର ହେବା ବା ସଫା ଲୁଗା ପିନ୍ଧିବାକୁ ବାରଣ ଥାଏ। କୌଣସି ଦେବଦର୍ଶନ ଓ ଶୁଭକାର୍ଯ୍ୟ ପରିବାର ଲୋକେ କରିନଥାନ୍ତି କି କୌଣସି ବନ୍ଧୁ ଘରକୁ ଯାଆନ୍ତି ନାହିଁ। ଏହାହିଁ ମୃତକ ପ୍ରତି ଥାଏ ସମ୍ମାନ ଓ ତାହାକୁ ହିଁ ଶୋକଦିବସ ଭାବରେ ପାଳନ କରାଯାଏ। ଦଶ ଦିନରେ ହୁଏ ଏହାର ପରି ସମାପ୍ତି। ଏଗାର ଓ ବାର ଦିନରେ ଗ୍ରାମ, ବସତିରେ ଥିବା ସ୍ୱଜନମାନଙ୍କୁ ସୁଖାଦ୍ୟ ଦେଇ ମୃତକର ଆତ୍ମାକୁ ଶାନ୍ତି ପ୍ରଦାନ ଦେବା ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଏ। ଏହାହିଁ ହିନ୍ଦୁ ସଂସ୍କାର ବିଧି। ଅନ୍ୟ ସଂପ୍ରଦାୟମାନଙ୍କର ଏପରି ବିଧି ଭିନ୍ନ ପ୍ରକାରରେ ପାଳନ କରାଯାଇଥାଏ। ଯେପରି ଭାବରେ ପାଳନ କରାଗଲେ ମଧ୍ୟ ପ୍ରକୃତରେ ମୃତକର ଆତ୍ମା ସ୍ୱର୍ଗରେ ଶାନ୍ତି ପାଏ କି ନାହିଁ ତାହା ପ୍ରତ୍ୟେକଙ୍କୁ ଅଜଣା। ମାତ୍ର ପ୍ରଚଳିତ ପରମ୍ପରାକୁ ମାନି ନେବାକୁ ହିଁ ହେବ।

ମୃତ୍ୟୁ ପରେ ପଞ୍ଚ ମହାଭୂତରେ ସବୁ ବିଲୀନ ହୋଇଯାଏ। ଚିତ୍ତ, ମନ, ବୁଦ୍ଧି ଓ ଅହଂକାରକୁ ନେଇ ଯେଉଁ ଜୀବନର ସୃଷ୍ଟି, ମୃତ୍ୟୁ ପରେ ତାହାର ଗତିପଥ କୁଆଡ଼େ ତାହାକୁ ମଧ୍ୟ ସଠିକ୍ ଆକଳନ କେହି କରିପାରି ନାହାନ୍ତି। ବହୁ ସିଦ୍ଧ ଯୋଗୀଙ୍କ ଜୀବନୀରୁ ସେମାନଙ୍କ ମୃତ୍ୟୁ ପରର ଗତିପଥ କୁଆଡ଼େ ତାହା ସେମାନେ ଆଗରୁ ନିର୍ଣ୍ଣୟ କରି କହିଥାନ୍ତି। ଏପରିକି ଜରାବସ୍ଥାରୁ ପୁନଃ କୌଣସି ମୃତ ଯୁବକର ଶରୀର ପ୍ରବେଶ କରିବାରେ ବହୁ ସିଦ୍ଧ ସାଧକ ନିଜର ଚମତ୍କାରିତା ଦେଖାଇ ଯାଇଛନ୍ତି। ଏହାକୁ ଆଦୌ ଅସ୍ୱୀକାର କରିହେବ ନାହିଁ। ତେବେ ଏହାସବୁ କିପରି ହୁଏ ତାହା ମଧ୍ୟ ଅଜଣା। ପ୍ରତ୍ୟେକ ଅବିଶ୍ୱସନୀୟ କଥାରେ ବିଶ୍ୱାସ ଜନ୍ମାଇବା ସହଜ କଥା ନୁହେଁ।

ମୃତ୍ୟୁ ପରେ ଆତ୍ମା ପ୍ରେତଯୋନୀକୁ ଯାଇଥାଏ ବୋଲି ବହୁ ଲୋକଙ୍କର ବିଶ୍ୱାସ ରହିଛି। କେତେକ ବି ଏପରି ଭୂତ, ପ୍ରେତ ଥିବା କଥାକୁ ଆଦୌ ବିଶ୍ୱାସ କରନ୍ତି ନାହିଁ। ସେମାନଙ୍କର ଏପରି ଯୁକ୍ତିକୁ ଅନ୍ୟ ଉପରେ ଲଦି ବିଶ୍ୱାସ କରୁଥିବା ବ୍ୟକ୍ତିକୁ ଉପହାସ ବି କରିଥାନ୍ତି। ଅନ୍ୟ ଜଗତ ସଂପର୍କରେ ସଂପୂର୍ଣ୍ଣ ଅନଭିଜ୍ଞ ଥିବା ଏପରି ବ୍ୟକ୍ତିମାନଙ୍କୁ କ'ଣ ବା କୁହାଯାଇପାରେ? ନିଜର ସୀମିତ ଜ୍ଞାନ ପରିସର ମଧ୍ୟରେ ନ ରହି ସେମାନେ ବିଜ୍ଞତା ପରିପ୍ରକାଶ କରିବା ଆଦୌ ଯଥାର୍ଥ ନୁହେଁ। ନିଜ ଭବିଷ୍ୟତର ଅଳ୍ପ ସମୟ ପରେ କ'ଣ ଘଟିବାକୁ ଯାଉଛି ଯାହାକୁ ଅଜଣା ସେ ପୁଣି ଅନ୍ୟ ବିଦ୍ୟା ଉପରେ ହସ୍ତକ୍ଷେପ କରିବା ଅତି ହାସ୍ୟାସ୍ପଦ।

ନିଜେ ନିଜକୁ ପ୍ରତିଷ୍ଠିତ ଜ୍ୟୋତିଷ ସମ୍ରାଟ ବା ପ୍ରେତତତ୍ତ୍ୱବିତ୍ ଭାବରେ ସମାଜରେ ପରିଚିତ ଦେଉଥିବା ଜଣେ ବୟସ୍କବ୍ୟକ୍ତିଙ୍କୁ ଦୂରଦର୍ଶନର ଏକ ଚ୍ୟାନେଲ୍‌ରେ ପ୍ରଶ୍ନକର୍ତ୍ତାମାନେ ବିଭିନ୍ନ ପ୍ରଶ୍ନମାନ ପଚାରି ବ୍ୟତିବ୍ୟସ୍ତ କରିପକାଉଥିବା ଦେଖାଗଲା। ଆଲୋଚନାର ମାଧ୍ୟମ ଥିଲା ଭୂତପ୍ରେତ ଅଛନ୍ତି କି ନାହିଁ? ବିଭିନ୍ନ ପ୍ରଶ୍ନବାଣରେ ଆଲୋଚକମାନେ ତାଙ୍କୁ ଅଥୟ କରିପକାଉଥିବାବେଳେ ସେହି ବୟସ୍କ ବ୍ୟକ୍ତି ସେଥିରୁ କୌଣସି ଗୋଟିଏ ସଠିକ୍ ଉତ୍ତର ଦେଇପାରୁ ନଥିଲେ। ଓଲଟି ପ୍ରଶ୍ନକର୍ତ୍ତାମାନଙ୍କ ଉପରେ ବହୁତ ରାଗିଯାଉଥିଲେ। ସେମାନଙ୍କର ପ୍ରଶ୍ନ ଥିଲା ଯଦି ମଣିଷ ମରିବା ପରେ ଭୂତ ବା ପ୍ରେତ ହୋଇଯାଉଛି ତେବେ ଯେତିକି ଗୋରୁ, ଛେଳି, ମେଣ୍ଢା ଓ କୁକୁଡ଼ା ଆଦି ପଶୁପକ୍ଷୀମାନେ ପ୍ରତିଦିନ ମରୁଛନ୍ତି ସେମାନେ କ'ଣ ହେଉଛନ୍ତି ଇତ୍ୟାଦି? ଏପରି ପ୍ରଶ୍ନ ସବୁର ଉତ୍ତର କ'ଣ ହୋଇପାରେ ବା କିଏ ତାର ସଠିକ୍ ଉତ୍ତର ଦେଇପାରିବ? ଚିତ୍ତ, ମନ, ବୁଦ୍ଧି, ଅହଂକାରକୁ ନେଇ ଯେଉଁ ଜୀବନର ସୃଷ୍ଟି ହୋଇଛି ମୃତ୍ୟୁ ପରେ ତାହାର ଗତିପଥ କୁଆଡ଼େ କହିବା ସମ୍ଭବ ନହେଲେ ମଧ୍ୟ ଏକ ମହାଶକ୍ତିର ଆକର୍ଷଣରେ ତାହା ସେଥିସହ ଯୋଡ଼ି ହୋଇଯାଏ। ପ୍ରତ୍ୟେକ ଜୀବନର ମଧ୍ୟ ଏହିପରି ହୁଏ ଅବସ୍ଥା। ପ୍ରକୃତିର ଆବର୍ତ୍ତନିକ ନିୟମରେ ବନ୍ଧା ଜଗତର ପ୍ରତ୍ୟେକ ଜୀବ ଓ ବସ୍ତୁର ଅବସ୍ଥା ମଧ୍ୟ ଏହିପରି। ଏହି ଆବର୍ତ୍ତନିକ ନିୟମରେ ଶିଶୁ କ୍ରମଶଃ ବଢ଼ି ଜରା ଦେହକୁ ଆସିପାରୁଛି। ବୃକ୍ଷ ବା ଲତାର ସୃଷ୍ଟି ହୋଇ ଫଳଧାରଣ କରିବାର କିଛି ବର୍ଷ ପରେ ତାହାର ବିଲୟ ଘଟୁଛି ଓ ସେପରିରୁ ବହୁର ସୃଷ୍ଟି ହୋଇ ଚାଲିଛି। ଏହା କେବଳ ଆବର୍ତ୍ତନିକ ନିୟମରେ ପରିଚାଳିତ। ସେପରି ନିୟମ ଓ ତାହାର ଆକର୍ଷଣରେ ହିଁ ସୃଷ୍ଟି ଚାଲିଛି। ଏଥିରୁ ସାମାନ୍ୟ ବିଚ୍ୟୁତ ହେଲେ ସୃଷ୍ଟି ରହିପାରିବ ନାହିଁ। ସେହି ନିୟମକୁ ଆଧାର କରି ବିଶ୍ଳେଷଣ କରାଗଲେ ମୃତ୍ୟୁ ପରର ଜୀବନ ହିଁ ସେପରି ଆକର୍ଷଣରେ ସେହି ଅନନ୍ତ ମହାଶକ୍ତି ଆଡ଼କୁ ଟାଣି ହୋଇ ଯାଉଛି। ସେହି ମହାଶକ୍ତି କିଏ, କ'ଣ ଓ କିପରି ତାହା ବି କେହି ଜାଣନ୍ତି ନାହିଁ। ତାହାର ବି କୌଣସି ରୂପରେଖ ନାହିଁ। ବହୁ ସହସ୍ର ବର୍ଷ ପୂର୍ବରୁ ସର୍ବ ପ୍ରଥମେ ବୈଦିକ ଋଷିମାନେ ଏପରି ମହାକର୍ଷଣ ଶକ୍ତିର ଆବିଷ୍କାର କରି ନାମ ଦେଇଥିଲେ 'କୃଷ୍ଣ'। ସେହି ମହାଶକ୍ତି ହିଁ ପରବର୍ତ୍ତୀ କାଳରେ ଶ୍ରୀକୃଷ୍ଣ ଓ କାଳକୃଷ୍ଣ ଭାବେ ପରିଚିତ। ପୁଣି ସେହି ହିଁ ବାସୁଦେବ। ଅର୍ଥାତ୍ ଯାହାଙ୍କର ସତ୍ତା ସମସ୍ତ ଜୀବ ଓ ଜଡ଼ଜଗତରେ ବିଦ୍ୟମାନ। ସେହି ମହାଶକ୍ତି ହିଁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ପରିଚାଳକ। ଏପରି କଥାକୁ ଆଦୌ ଅସ୍ୱୀକାର କରିହେବ ନାହିଁ। କାବ୍ୟକାରମାନଙ୍କ କଳ୍ପନାରେ ତାଙ୍କ ଅନନ୍ତ ଐଶ୍ୱର୍ଯ୍ୟ ଲୀଳା ସହ ରୂପର ବର୍ଣ୍ଣନା ବି କରାଯାଇଛି। ତେବେ ଏହି ମହାଶକ୍ତି ସହ ମିଳନ ପରେ ଆତ୍ମଚେତନା ଅନୁଯାୟୀ ଆତ୍ମାକୁ ପୁଣି ଆକର୍ଷଣର ଆବର୍ତ୍ତନିକ ମହାବଳୟ ମଧ୍ୟରେ ଟାଣି ହୋଇ ଘୂରିବାକୁ ପଡ଼ିଥାଏ। ଏପରି ବଳୟ ମଧ୍ୟରେ ଘୂରିବାବେଳେ ଅଦୃଶ୍ୟ ଭାବେ ପୂର୍ବ ଜୀବନରେ କରିଯାଇଥିବା କାର୍ଯ୍ୟ ସମୂହର ଗୁପ୍ତଚିତ୍ରର ବିଶ୍ଳେଷଣ ଆପେ ଆପେ ହୋଇ ପରବର୍ତ୍ତୀ ଜୀବନର ଗତିପଥ ସ୍ଥିର ହୋଇଯାଏ। ଯଦି ବିଗତ ଜୀବନର ପଥ ଠିକ୍ ସଞ୍ଜମତା ସହ ଚାଲିଥିଲା ତେବେ ପରବର୍ତ୍ତୀ ଶରୀର ଧାରଣରେ ଉତ୍କୃଷ୍ଟତାର ପଥ ଆପେ ଆପେ ସ୍ଥିର ହୋଇଯାଏ। ଅତୀତ ଜୀବନର ସଂଯମହୀନତା କାର୍ଯ୍ୟସବୁ ହିଁ ତାକୁ ସେ ପଥରେ ଯିବା ପାଇଁ ବଞ୍ଚିତ କରିଦିଏ ଯାହାକୁ ନରକ କହିଥାନ୍ତି। ସଞ୍ଜମତା ହିଁ ଯମର ପ୍ରତୀକ ଯାହାକି ଧର୍ମରାଜ ରୂପେ ପରିଚିତ। ସୂକ୍ଷ୍ମ ଜଗତରେ ଜୀବନର ଉତ୍ତୋଳିତ ହୋଇ ଯାଉଥିବା କାର୍ଯ୍ୟସବୁର ଚିତ୍ରକୁ ହିଁ ଚିତ୍ରଗୁପ୍ତ କୁହାଯାଏ। ଅନ୍ୟ ଜୀବନରେ କିଏ କେଉଁ ପଥରେ ଯିବ ପ୍ରକୃତିଦ୍ୱାରା ତାହା ଆପେ ଆପେ ସ୍ଥିର ହୋଇଯାଏ। ସେଥିରେ କେହି କିଛି ବାଧକ ନଥାନ୍ତି। ଅତୀତ ଜୀବନରେ କରିଯାଇଥିବା କାର୍ଯ୍ୟମାନ ହିଁ ପରବର୍ତ୍ତୀ ଶରୀର ଧାରଣର ଥାଏ ଭିତ୍ତିଭୂମି।

ଏହି ଧରାଧୂଳିରେ ଜନ୍ମବେଳେ ପ୍ରତ୍ୟେକ କିଛି ନେଇ ଆସିନଥାନ୍ତି ଓ ସେହିପରି ମଧ୍ୟ ବିଦାୟ ନେଇ ଚାଲିଯିବେ। ଯେଉଁ ନାମରେ ଶରୀରଟି ଏଠାରେ କାର୍ଯ୍ୟ କରୁଛି ତାହା ପିତୃ ଓ ମାତୃଦତ୍ତ। ସେପରି ନାମ ସହ ଯୋଡ଼ାଯାଉଛି ଜୀବନ ଯାତ୍ରାର ପ୍ରତ୍ୟେକଟି ସ୍ୱାଭିମାନ। ମାତ୍ର ତାହା ସବୁ କିଛି ସାଥିରେ ଯାଏ ନାହିଁ। ନାମ ସହିତ ତାହା ସବୁ ଏହି ଧରାଧୂଳିରେ ହିଁ ରହିଯାଏ। ଏହାହିଁ ଜଗତର ନିୟମ। ଏହାକୁ କେହି ଅତିକ୍ରମ କରିଯାଇ ନାହାନ୍ତି କି ଯାଇ ବି ପାରିବେ ନାହିଁ। ବିଚିତ୍ର ସେହି ସ୍ରଷ୍ଟା ଓ ବିଚିତ୍ର ତାର ସୃଷ୍ଟି। ତଥାପି ପ୍ରକୃତି ସହ ତାଳ ଦେଇ ଜୀବନ ଦୌଡ଼ି ଚାଲିଛି।

ଜରା ପ୍ରପୀଡ଼ିତ ବ୍ୟକ୍ତିଟି ଯଦି ନିଜ ଅତୀତ ଜୀବନର ଗାଥାକୁ ନେଇ ଆତ୍ମତୃପ୍ତିରେ ଅହଂକାର ପ୍ରକାଶ କରିଥାଏ ତେବେ ତାହା ହିଁ ହେଉଛି ତାହାର ନିର୍ବୋଧତା। ଦିନେ ରାଜ୍ୟ ଶାସନରେ ଚହଳ ପକାଇଥିବା ବର୍ତ୍ତମାନର ଜଣେ ଜରାଗ୍ରସ୍ତ ପ୍ରଶାସକ ଶଯ୍ୟାଶାୟୀ ହୋଇ ମଧ୍ୟ ଭଗବତ୍‌ଗୀତା ଉପରେ ଟିପ୍ପଣୀମାନ ପ୍ରକାଶ କରିଆସୁଥିବା ତାଙ୍କ ଅତୀତର ଜଣେ ସହକର୍ମୀଙ୍କ ପ୍ରତି ଆକ୍ଷେପ କରି କହିନଥାନ୍ତେ ଯେ ସେ କ'ଣ ଜାଣିଛି। ପୁଣି ଗୀତାର ଟିପ୍ପଣୀ ଲେଖୁଛି? କଥା ହେଲା ଯେ ତାଙ୍କ ସହକର୍ମୀ ବନ୍ଧୁ ଜଣକ ଅତୀତରେ ତାଙ୍କର କରିଯାଇଥିବା ଅବୈଧ ନିଯୁକ୍ତି ଓ ବାଚାଳ ଶାସନକୁ ବାରଂବାର ବିରୋଧ କରି ଆସିଥିଲେ। ଯାହାଫଳରେ ସେ ତାଙ୍କ ଅହଂଶାସନ ଅଧିକ ଦିନ କରିପାରିଲେ ନାହିଁ। ଅବଶ୍ୟ ଏପରି ଅହଂକାର ମର ଶରୀରର ସହଜାତ ଗୁଣ। ଆଉ ସେହି ବଳୟରୁ ଓହରି ଆସିବା ସମ୍ଭବପର ନୁହେଁ। ସେପରି ବିଚାରରେ ସେହି ଜରାଗ୍ରସ୍ତ ଶଯ୍ୟାଶାୟୀ ବୃଦ୍ଧ ନିଜ ଅହଂକାର ବଳୟରୁ ଖସି ଯାଇ ପାରିନାହାନ୍ତି। ଏହାହିଁ ବିସ୍ମୟ। ଏଠାରେ ମହାଭାରତର ଗପଟିଏ ମନେ ପଡ଼ିଯାଏ ଯେ ଯେତେବେଳେ ମହାତ୍ମା ଧର୍ମବକ ଧର୍ମରାଜ ଯୁଧିଷ୍ଠିରଙ୍କୁ ପଚାରିଛନ୍ତି ଯେ ସଂସାରରେ ସବୁଠାରୁ ଆଶ୍ଚର୍ଯ୍ୟ କ'ଣ? ଉତ୍ତରରେ ଧର୍ମରାଜ କହିଥିଲେ ଯେ ପ୍ରତ୍ୟେକ ଦିନ ଜୀବ ମୃତ୍ୟୁକୁ ଭେଟୁଥିଲେ ମଧ୍ୟ ତଥାପି ଅନ୍ୟମାନଙ୍କର ବଞ୍ଚିବା ପାଇଁ ଥିବା ଲାଳସା ହିଁ ହେଉଛି ସଂସାରରେ ଅନ୍ୟତମ ଆଶ୍ଚର୍ଯ୍ୟ।

# ସ୍ୱାଧୀନତା ସଂଗ୍ରାମର ପିତାମହ- ତିଳକ (୧)



ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫.

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ, ଯଶସ୍ୱୀ, ପ୍ରଜ୍ଞା ପୁରୁଷ, ନିର୍ଭିକ ସାମ୍ବାଦିକ, ପ୍ରବୀଣ ରାଜନୀତିଜ୍ଞ, ସତ୍ୟନିଷ୍ଠ ଦେଶ ପ୍ରେମୀ, ପରମ ପୂଜ୍ୟ, ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୁରୋଧା ଓ ସ୍ୱାଧୀନତାର ପଥ ପ୍ରଦର୍ଶକ କେଶବ(ବାଲ୍)ଗଙ୍ଗାଧର ତିଳକ ପୂର୍ଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ଥ) ଓ ପାର୍ବତୀ ବାଇଙ୍କ କୋଳ ମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତ୍ତପାବନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପ୍ରଥମ ନାମ କେଶବ ଥିଲା। ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ। ପିତାମହ ରାମଚନ୍ଦ୍ରଙ୍କ ଠାରୁ ବାଲ୍ ଗଙ୍ଗାଧର ୧୮୫୭ର ମହାନ୍ ବିପ୍ଳବ ଶୁଣିଥିଲେ। ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା। ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତ୍ତରୋତ୍ତର ଶିକ୍ଷା ସମ୍ଭବ ହେଲା ନାହିଁ। ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ। ଚିପଲୁଙ୍କର ନିବନ୍ଧ ମାଳାକୁ ତିଳକପୂର୍ଣ୍ଣ ସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା। ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଞ୍ଚଳର ଘୋର ଦୁର୍ଭିକ୍ଷ ବାଳ ଗଙ୍ଗାଧରଙ୍କୁ ପ୍ରଭାବିତ କରିଥିଲା। ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ। ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ। ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶବାସୀଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ। ତେଣୁ ଦୁଇ ବନ୍ଧୁ ଧାର୍ମିକ ସାମାଜିକ ଓ ରାଜନୈତିକ ସଂଗଠନ ଗୁଡିକରେ ସକ୍ରିୟ ସଂପର୍କ ରକ୍ଷା କରିଥିଲେ। ଅଗରକର ଡେକାନ୍ କଲେଜରୁ ଏମ୍.ଏ ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶ ସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ। ଚିପଲୁ, ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ। ତେଣୁ ସେମାନେ ୧୮୮୦ ମସିହା ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ। ବିଦ୍ୟାଳୟ ପରିଦର୍ଶନରେ ହଣ୍ଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହ ଜନକ ଥିଲା। ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚ ଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ। ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରଷ୍ଟ୍ରର ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା। ସମିତି ସଭ୍ୟ ମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦ ପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। କେଶରୀର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠାର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ। ଉଭୟ ପତ୍ରିକା ମରାଠା ମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା। ତିଳକ ଜାତୀୟ ଜନ ଜିବନର ସମସ୍ୟାମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶର ମଧ୍ୟ ସହାୟକ ହୋଇଥିଲେ। ଅଗରକର ସମ୍ପାଦନ ପଦରୁ ଓହରି ଯିବାରୁ ତିଳକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଳକ ପସନ୍ଦ କରୁ ନଥିଲେ। ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀ ଶିକ୍ଷା ଉପରେ ତିଳକ ଗୁରୁତ୍ୱ ଦେଉଥିଲେ। ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେ କରିଥିଲେ। ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ। ଯଦି ସେ ପୁନର୍ବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ। ତିଳକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ। ହିନ୍ଦୁ ଧର୍ମର ମହତ୍ତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁଥିଲେ। ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପରିବର୍ତ୍ତନକୁ ତିଳକ ବିରୋଧ କରୁଥିଲେ। ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ୍ଣ ଗୋଖଲେ ମନୋନୀତ ହେଲେ। ଏହି ନିଯୁକ୍ତିର ବୈଧତା ଉପରେ ତିଳକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା। ତେଣୁ ତିଳକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ।

୧୮୮୫ ଡିସେମ୍ବର ୨୮ ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା। ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଳକ ଅଂଶ ଗ୍ରହଣ କରି ମରାଠୀ ଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡ ରୁଲ୍' ନୀତି ଯୋଗୁଁ ବମ୍ବେ ଓ ପୁନେରେ ସଂପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣ ହାନୀ ଘଟିଲା। ତିଳକ କଠୋର ଭାବରେ ସମାଲୋଚନା କରି ଇଂରେଜ ମାନଙ୍କର ଚକ୍ଷୁଃଶୂଳ ହେଲେ। ସାର୍ ଚିରୋଲ୍ 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ନାମକ ପୁସ୍ତକରେ ତିଳକଙ୍କୁ ସାଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ। ତାହା ଥିଲା ଦୁର୍ଭାଗ୍ୟଜନକ ତିଳକ ଗଣପତି ଉତ୍ସବ ଓ ଶିବାଜୀ ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ।

୧୮୯୧ ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ ତାହା ତାଙ୍କୁ ସର୍ବ ଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା। ୧୮୯୪ ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋ ମନୋନୀତ ହେଲେ। ତା ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ। ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ। ରାଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ। ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସ ଘାତକ ବୋଲି ଚିତ୍ରିତ ହେଲେ।

୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରଷ୍ଟ୍ରରେ ଦେଖାଦେଲା। ତିଳକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଆରମ୍ଭ କରିଦେଲେ। ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା। ୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା। ତାହାର ଅଧ୍ୟକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ। ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ। ତିଳକ ନିଜ ପକ୍ଷରୁ ସ୍ୱେଚ୍ଛାସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ। ଏହି ସ୍ୱେଚ୍ଛାସେବୀମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ। ୧୮୯୭ ଜୁନ୍ ୨୨ ମଧ୍ୟରାତ୍ରରେ ପୁନାସ୍ଥ ଗଭର୍ଣ୍ଣହାଉସ୍‌ରୁ ଏକ ରାତ୍ରି ଭୋଜନ ସାରି ତିଳକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃତ୍ତମାନେ ରେଣ୍ଡସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫଟନାଣ୍ଟ ଆୟବଟଙ୍କୁ ହତ୍ୟା କରିଦେଲେ। ଏହି ଘଟଣାରେ ଦାମୋଦର ଚିପଲୁ ଫାସି ଦଣ୍ଡ ପାଇଥିଲେ। ତିଳକ ନିର୍ଦ୍ଦୋଷ ଥିଲେ ମଧ୍ୟ ଫିଙ୍ଗଲ କୋଡ୍‌ର ୧୨୪(କ) ଧାରାରେ ଅଭିଯୁକ୍ତ ହେଲେ। ତାଙ୍କୁ ୧୮ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା। ଭାରତୀୟ ନେତା ମାନେ ଆପତ୍ତି ଉଠାଇଲେ। ସଂସଦ ଉଇଲିୟମ୍ ହଣ୍ଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲ୍‌ରୁ ମୁକ୍ତ ହେଲେ। ଏହା ପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟ ନେତା ଭାବରେ ସୀକୃତି ଲାଭ କଲେ। ପୁନା ଜେଲ୍‌ରେ ବୈଦିକ ଅର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍' ପ୍ରକାଶିତ କରିଥିଲେ।

୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇ ହଜାର ପ୍ରତିନିଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା। ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ୍ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱ ପୂର୍ଣ୍ଣ ସିଦ୍ଧାନ୍ତ ଥିଲା। ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠୀ ବିବାଦ ଯୋଗୁ ତିଳକ ୧୯୦୭ ଜାନୁୟାରୀ ୨ ତାରିଖରେ କଲିକତାରେ କହିଥିଲେ-ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ। ତୁମେ ଯଦି ସ୍ୱାଧୀନ ହେବାକୁ ଚାହଁ, ସ୍ୱାଧୀନ ହୋଇପାରିବ ନଚେତ ସବୁଦିନ ପାଇଁ ପରାଧିନ ରହିବ। ତୁମେ ଅସ୍ତ୍ରଧାରଣ କରିବାକୁ ସମର୍ଥ ନୁହଁ। ତେବେ ଇଂରେଜ ସରକାର ବିରୁଦ୍ଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦୋଳନ ତ କରିପାରିବ। ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଧ ହୋଇ କରିପାରିବ ତ, କାଲି ତୁମେ ସ୍ୱାଧୀନ ହେବ। କଲିକତା ଅଧିବେଶନରେ ବଙ୍କିମ୍ ଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା। ବର୍ମାରୁ ଜେଲ୍ ଦଣ୍ଡ ଭୋଗକରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଂଖଳା ଆରମ୍ଭ ହୋଇଗଲା। ବିଶୃଂଖଳା ଚରମ ସୀମାରେ ପହଞ୍ଚିଲା। କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହିତ କରାଯାଏ। ତିଳକ ଓ ଲଜପତ ରାୟ ଭଳି ଉଗ୍ର ଜାତୀୟବାଦୀ କଂଗ୍ରେସ୍ ସ୍ରୋତରୁ ଭିନ୍ନ ରହିଗଲେ। ତିଳକ ମିଳାମିଶା ପାଇଁ ପଦକ୍ଷେପ ନେଇଥିଲେ। ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଞ୍ଚଳିକ କଂଗ୍ରେସ୍ ସମ୍ମିଳନୀ ଅକୋଲା ସହରରେ ଆୟୋଜନ କଲେ।

(କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଜୁଲାଇ ୨୦୨୫ ବୁଧବାର





# ଶ୍ରାବଣ ମାସ : ମହାଦେବଙ୍କ ପ୍ରିୟ ମାସ





ଆରମ୍ଭ ହୋଇଛି ଶ୍ରାବଣ ମାସ। ଏହା ହରହର ମହାଦେବଙ୍କ ପ୍ରିୟ ମାସ । ଶ୍ରାବଣ ମାସର ସୋମବାର ସବୁଠାରେ ପବିତ୍ର ହୋଇଥାଏ। ଯଦି ଏହିଦିନ ଘରକୁ କିଛି ଶୁଭ ଫଳ ପ୍ରଦାନ କରୁଥିବା ଜିନିଷ ଅଣାଯାଏ ତେବେ ଭଗବାନ ଶଙ୍କରଙ୍କ କୃପା ହେବା ସହ ଦୁଃଖ କଷ୍ଟ ଦୂର ହୋଇ ଘର ସୁଖ ସମୃଦ୍ଧିରେ ପରିପୂର୍ଣ୍ଣ ହୋଇଥାଏ । ଚଳିତ ବର୍ଷ ଶ୍ରାବଣ ମାସ ଆରମ୍ଭ ହୋଇଯାଇଛି। ତେବେ ଆସନ୍ତୁ ଜାଣିବା ଏହି ଦିନ ଘରକୁ କେଉଁ ସବୁ ଜିନିଷ ଆଣିବା ଶୁଭ ହୋଇଥାଏ ।

**ଗଙ୍ଗାଜଳ:** ଗଙ୍ଗାଜଳକୁ ସନାତନ ଧର୍ମରେ ସବୁଠାରୁ ଶୁଦ୍ଧ ବୋଲି ମନାଯାଏ । ଭଗବାନ ଶଙ୍କର ତାଙ୍କ ଜଟାରେ ମା' ଗଙ୍ଗାଙ୍କୁ ଧାରଣ କରିଛନ୍ତି । ଶ୍ରାବଣ ମାସରେ ଗଙ୍ଗାଜଳ ଘରକୁ ଆଣିବା ଓ ଗଙ୍ଗାଜଳରେ ସ୍ନାନ କରିବା ଦ୍ୱାରା ପୂଣ୍ୟଲାଭ ହୋଇଥାଏ । ବାସ୍ତୁଶାସ୍ତ୍ର ଅନୁସାରେ, ଯଦି ଶ୍ରାବଣ ମାସ ସୋମବାର ଦିନ ଗଙ୍ଗାଜଳ ଆଣି ଏହାକୁ ରୋଷେଇଘରର ଏକ ସଫା ସ୍ଥାନରେ ରଖାଯାଏ ତେବେ ଘରେ ସୌଭାଗ୍ୟ ବୃଦ୍ଧି ହୋଇଥାଏ ।

**ରୁଦ୍ରାକ୍ଷ:** ମହାଦେବଙ୍କୁ ଅଶ୍ରୁରୁ ରୁଦ୍ରାକ୍ଷର ଉତ୍ପତ୍ତି ହୋଇଛି । ତେଣୁ ରୁଦ୍ରାକ୍ଷ ଅତ୍ୟନ୍ତ ଶୁଭ ବୋଲି ବିଶ୍ୱାସ କରାଯାଏ । ରୁଦ୍ରାକ୍ଷ ଅନେକ ପ୍ରକାରର ଥାଏ । ତେବେ ଶ୍ରାବଣ ମାସରେ ରୁଦ୍ରାକ୍ଷ ଧାରଣ କରିବା କିମ୍ବା ଏହାକୁ ଘରକୁ ଆଣିବା ଶୁଭ ହୋଇଥାଏ । ଶ୍ରାବଣ ମାସରେ ନୀତିନିୟମ ଅନୁସାରେ ରୁଦ୍ରାକ୍ଷ ପିନ୍ଧିବା ଉଚିତ । ରୁଦ୍ରାକ୍ଷ ଘରକୁ ଆଣିଲେ ଆର୍ଥିକ ସ୍ଥିତି ସୁଦୃଢ ହେବା ସହ ବୈବାହିକ ଜୀବନ ସୁଖମୟ ହୋଇଯାଏ । ଏହାସହ ରୋଗବ୍ୟାଧି ଦୂର ହେବା ସହ ଘରୁ



ନକରାତ୍ମକ ଶକ୍ତିର ପ୍ରଭାବ ହ୍ରାସ ହୋଇଥାଏ ।

**ତୁଳସୀ ଗଛ:** ଯଦି ଆପଣଙ୍କ ଘରେ ତୁଳସୀ ଗଛ ନାହିଁ ଏବଂ ଆପଣ ଘରକୁ ତୁଳସୀ ଗଛ



ଆଣିବା ପାଇଁ ଚାହୁଁଛନ୍ତି ତେବେ ଶ୍ରାବଣ ମାସ ସୋମବାର ଏଥିପାଇଁ ସବୁଠାରୁ ଭଲଦିନ । ଶ୍ରାବଣ ମାସରେ ଘର ଅଗଣାର ଉତ୍ତର ଦିଗରେ ତୁଳସୀ ଗଛ ଲଗାନ୍ତୁ । ଏହା ଦ୍ୱାରା ବିବାହ ସମ୍ବନ୍ଧିୟ ଆସୁଥିବା ବାଧା ଦୂର ହୋଇଥାଏ ।

**ରୁପାର ତ୍ରିଶୂଳ:** ତ୍ରିଶୂଳ ଭଗବାନ ଶଙ୍କରଙ୍କ ଅସ୍ତ୍ର। ଶ୍ରାବଣ ମାସ ସୋମବାର ଦିନ ରୁପାର



ତ୍ରିଶୂଳ ଆଣି ପୂଜାଘରେ ରଖନ୍ତୁ । ଏହାଦ୍ୱାରା ଶାରୀରିକ ଓ ମାନସିକ ଶାନ୍ତି ମିଳିବ । ପରିବାରର ସମସ୍ତ ଦୁଃଖ ଦୁର୍ଦ୍ଦଶା ଦୂର ହେବ ।



**ବେଲ ଗଛ:** ବେଲପତ୍ର ଭଗବାନ ଶଙ୍କରଙ୍କ ଅତି ପ୍ରିୟ ପତ୍ର । ଶ୍ରାବଣ ମାସ ସୋମବାର ଘରେ ବେଲ ଗଛ ଲଗାଇ ପ୍ରତିଦିନ ଏହାକୁ ପୂଜା କରନ୍ତୁ। ବେଲଗଛ ଲଗାଇବା ଦ୍ୱାରା ଘରର ବାସ୍ତୁ ଦୋଷ ଦୂର ହେବାସହ ଘରେ ଅର୍ଥର ଅଭାବ ରହେ ନାହିଁ ।



**ନାଗ-ନାଗୁଣୀ ଯୋଡି ମୂର୍ତ୍ତି:** ଯଦି ଆପଣଙ୍କ କୁଣ୍ଡଳିରେ କାଳସର୍ପ ଦୋଷ ଅଛି ତେବେ ଶ୍ରାବଣ ମାସ ସୋମବାର ଦିନ ଶିବଲିଙ୍ଗ ପୂଜା କରି ନାଗ-ନାଗୁଣୀ ଯୋଡି ମୂର୍ତ୍ତି ଅର୍ପଣ କରନ୍ତୁ । ଖରାପ ନଜରରୁ ଘରୁ ରକ୍ଷା କରିବା ସହ ନକରାତ୍ମକ ଶକ୍ତିକୁ ଘରୁ ଦୂର କରିବା ପାଇଁ ଶ୍ରାବଣ ମାସ ସୋମବାର ଦିନ ରୁପା କିମ୍ବା ତମ୍ବାର ନାଗ-ନାଗୁଣୀ ଯୋଡି ମୂର୍ତ୍ତିକୁ ଆଣି ଘରର ମୁଖ୍ୟ ଦ୍ୱାର ଆଗରେ ରଖନ୍ତୁ ।

# ଦୃଷ୍ଟି ଶକ୍ତି ବଢାଇବ ତ୍ରିଫଳା : ଦରକାର ପଡିବନି ଚଷମା

ଆମ ଶରୀରର ଆଖି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ବୟସ ବଢିବା ସହ ଦୃଷ୍ଟିଶକ୍ତି ମଧ୍ୟ ଦୁର୍ବଳ ହେବାକୁ ଲାଗେ। ବିଶେଷକରି ବର୍ତ୍ତମାନର ଆଧୁନିକ ଜୀବନଶୈଳୀରେ ଲୋକମାନେ ମୋବାଇଲ ଫୋନ ଏବଂ କମ୍ପ୍ୟୁଟରକୁ ଅଧିକ ବ୍ୟବହାର କରନ୍ତି, ଯାହା ସିଧାସଳଖ ଆଖି ଉପରେ ପ୍ରଭାବ ପକାଇଥାଏ । ଏହା ବ୍ୟତୀତ ଅସ୍ୱାସ୍ଥ୍ୟକର ଖାଇବା ଅଭ୍ୟାସ ଏବଂ ଚାପ ଆମର ଦୃଷ୍ଟିଶକ୍ତି ମଧ୍ୟ ଦୁର୍ବଳ ହେବାର କାରଣ। ବର୍ତ୍ତମାନ କେବଳ ବୟସ୍କ ନୁହଁନ୍ତି ପିଲାମାନେ ମଧ୍ୟ ଚଷମା ପିନ୍ଧୁଛନ୍ତି । ଅଳ୍ପ ବୟସରେ ଦୃଷ୍ଟିଶକ୍ତି ଦୁର୍ବଳ ହେବା ଏକ ଚିନ୍ତାର ବିଷୟ । ତେବେ ଖରାପ ଦୃଷ୍ଟିଶକ୍ତି କିମ୍ବା ନିକଟ ଏବଂ ଦୂର ଜିନିଷ ଦେଖିବାରେ ଅକ୍ଷମତା ଅନେକ କାରଣ ହୋଇପାରେ । ଆଜିକାଲି ବହୁସଂଖ୍ୟକ ଲୋକ ଦୁର୍ବଳ ଦୃଷ୍ଟିଶକ୍ତି ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଫଳରେ ଚଷମା ପିନ୍ଧନ୍ତି । ଯଦି ଆପଣ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଆପଣଙ୍କୁ କିଛି ଘରୋଇ ଉପଚାର ଆପଣାଇ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।

ଆଖିକୁ ସୁସ୍ଥ ରଖିବା ପାଇଁ ଆପଣାନ୍ତୁ ଏହି ଘରୋଇ ଉପାୟ

ଆଖିକୁ ସୁସ୍ଥ ରଖିବା ପାଇଁ ତ୍ରିଫଳା ପାଉଡର ଖାଇପାରିବେ। ଆୟୁର୍ବେଦରେ ତ୍ରିଫଳାକୁ ଆଖି ପାଇଁ ଲାଭଦାୟକ ବୋଲି କୁହାଯାଇଛି । ଏହାର ବ୍ୟବହାର ଦ୍ୱାରା ଆଖିରେ ଜଳନ,



ଅସ୍ପଷ୍ଟ ଦୃଷ୍ଟିଶକ୍ତି, କୁଞ୍ଚନ ଇତ୍ୟାଦି ସମସ୍ୟା ଉପଶମ ହୁଏ। ତ୍ରିଫଳା ତିନୋଟି ଜିନିଷକୁ ନେଇ ଗଠିତ । ହରିଡ଼ା, ବାହାଡା ଏବଂ ଅଁଳା । ବଜାରରେ ଉପଲବ୍ଧ ତ୍ରିଫଳା ପାଉଡର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ, ତେଣୁ କିପରି ଘରେ ତ୍ରିଫଳା ପାଉଡର ପ୍ରସ୍ତୁତ କରିବେ ଏବଂ ଏହା ଆଖି ପାଇଁ କେତେ ଉପାଦେୟ, ଜାଣନ୍ତୁ

**ତ୍ରିଫଳା ବ୍ୟବହାରର ଫାଇଦା:**

ଆଖିଦୃଶିଆ ଉନ୍ନତି ପାଇଁ ଆପଣ ତ୍ରିପାଠୀ ପାଉଡର ବ୍ୟବହାର କରିପାରିବେ । ତ୍ରିଫଳା ହେଉଛି ଏକ ପ୍ରାଚୀନ ଆୟୁର୍ବେଦିକ ଔଷଧ ଯାହା ଅଁଳା, ହରିଡା ଏବଂ ବାହାଡ଼ାର ମିଶ୍ରଣ ଦ୍ୱାରା ପ୍ରସ୍ତୁତ । ଏହା ଶରୀରକୁ ଡିଟକ୍ସାଇଫ୍ କରିବା, ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ଏବଂ ଦୃଷ୍ଟିଶକ୍ତିରେ ଉନ୍ନତି ଆଣିବାରେ ପ୍ରଭାବଶାଳୀ ।

# ଜଣେ ବ୍ୟତିକ୍ରମୀ ଶିକ୍ଷକଙ୍କ ସମ୍ପର୍କରେ

(ଲେଖାଟି ପଢ଼ିବା ପୂର୍ବରୁ ଲେଖା ସହିତ ଦିଆଯାଇଥିବା ଫଟୋଟିକୁ ପ୍ରଥମେ ଦେଖନ୍ତୁ..!)
(ଫଟୋଟି ବେଜିଂ ୟୁନିଭରସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ସମ୍ପ୍ରତି ଅନୁଷ୍ଠିତ ହୋଇଥିବା ସମାବର୍ତ୍ତନ ଉତ୍ସବର)

ମଞ୍ଚ ଉପରେ ଛିଡ଼ାହୋଇ ନିଜର ଗବେଷଣା ପତ୍ର ଉପରେ ବକ୍ତବ୍ୟ ରଖୁଛନ୍ତି ଜଣେ ଛାତ୍ରୀ, ଜୀବନର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଅତିକ୍ରମ କରି ନୂତନ ଦିଗନ୍ତରେ ପାଦଥାପିବାର ମୁହୂର୍ତ୍ତ ଛାତ୍ରୀଙ୍କ ପାଇଁ। କ୍ୟାମ୍ପସର ପଡ଼ିଆରେ ଖୋଲା ଆକାଶ ତଳେ ଆୟୋଜିତ ଏହି ଉତ୍ସବରେ ହଠାତ୍ ଆରମ୍ଭ ହୋଇଗଲା ଝିପିଝିପି ବର୍ଷା। ସଙ୍ଗେ ସଙ୍ଗେ ଜଣେ ପ୍ରଫେସର, ଯିଏ ଛାତ୍ରୀଙ୍କ ଡିପାର୍ଟମେଣ୍ଟର ବିଭାଗୀୟ ମୁଖ୍ୟ, ଚୁପଚାପ୍ ଉଠିଆସି ଛାତ୍ରୀଙ୍କ ମୁଣ୍ଡ ଉପରେ ଛତାଟିଏ ମେଲି ଧରି ଛିଡା ହୋଇ ରହନ୍ତି। ଛାତ୍ରିଟିର ଅସମାପ୍ତ ବକ୍ତବ୍ୟର ପ୍ରତିଟି ଶବ୍ଦ, ପ୍ରତିଟି ଶ୍ୱାସ ଯେମିତି କି ଛତାତଳେ ନିରାପଦ ଆଶ୍ରୟ ଖୋଜି ପାଇଛି। ବକ୍ତବ୍ୟ ଶେଷ ହେବା ପର୍ଯ୍ୟନ୍ତ ଶିକ୍ଷକ ଛିଡ଼ା ହୋଇ ରହନ୍ତି, କୌଣସି ଦମ୍ଭ ନାହିଁ, କୌଣସି ଆତ୍ମ ଅହମିକା ନାହିଁ – କେବଳ ଛାତ୍ରିଟି ପ୍ରତି ସ୍ନେହ ଓ ଭଲପାଇବା ବିଦ୍ୟମାନ। ଥରେ ଭାବନ୍ତୁ ତ.... ଏଭଳି ଦୃଶ୍ୟ ଆପଣ କ'ଣ କଳ୍ପନା କରିପାରିବେ ଆମ ଦେଶର କୌଣସି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ... ? ହୁଏତ ଏହି ଦୃଶ୍ୟ ଦେଖି ଆମେ ହସିବା....! କାରଣ ଆମ ଦେଶରେ ଏଭଳି ଦୃଶ୍ୟ ଅସମ୍ଭବ। କାରଣ, ଆମମାନଙ୍କର ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକତା ଧୀରେ ଧୀରେ କେବଳ ଗୋଟିଏ ପେଶା ପାଲଟି ଯାଇଛି, ଅନ୍ତରର ଉତ୍ସର୍ଗ ନୁହେଁ। ଆମ ଦେଶରେ ଶିକ୍ଷକ ମାନେ ପ୍ରଶ୍ନପତ୍ର, ସିଲାବସ୍, ନମ୍ବର – କିନ୍ତୁ ମଣିଷ ଗଢ଼ିବାର ଚର୍ଚ୍ଚା... ନିହାତି ଦୁର୍ଲଭ ! ଆମର ଶିକ୍ଷକମାନେ ହୁଏତ ଶ୍ରେଣୀ ଗୃହରେ ଉଚ୍ଚାସନରେ ବସି ରହିଥାନ୍ତି, କିନ୍ତୁ ଶିକ୍ଷାର୍ଥୀମାନଙ୍କ ପାଖରେ ଛିଡ଼ା ହେବା ସେମାନଙ୍କର ଅହଙ୍କାରକୁ ଆଘାତ କରିଥାଏ । ଶିକ୍ଷକ ବୋଲି ଅହଙ୍କାର ଯେତେବେଳେ ମନର କୋଣରେ ବସା ବାନ୍ଧେ, ଶିକ୍ଷକତା ସେତେବେଳେ ଆଉ ମହାନ୍ ହୋଇ ରହେ ନାହିଁ। ତାହା ପାଲଟି ଯାଏ କେବଳ ଏକ ବୃତ୍ତି। ଜଣେ ପ୍ରକୃତ ଶିକ୍ଷକ ଜାଣିଥାନ୍ତି ଯେ, ଶ୍ରେଷ୍ଠତା ଆସେ ଛାତ୍ରଛାତ୍ରୀଙ୍କ ମୁଣ୍ଡ ଉପରେ ଛିଡା ହୋଇ ନୁହେଁ, ପାଖରେ ଛିଡ଼ା ହୋଇ, ସମ୍ମାନ ଓ ଆଶୀର୍ବାଦ ଦେଇ। ଗୋଟିଏ ଅତି ସାଧାରଣ କାମ – ଛତାଟିଏ ଧରି ଛିଡା ହେବା – ହୁଏତ କୌଣସି ସିଲାବସର ଅଂଶ ନୁହେଁ, କିନ୍ତୁ ତାହା ହୋଇଯାଏ ସମଗ୍ର ଜୀବନର ମହାନ୍ ଏକ ଶିକ୍ଷା, ଏକ ଜୀବନ୍ତ ଅନୁପ୍ରେରଣା। ଆଜି ଯେତେବେଳେ ଶିକ୍ଷାବ୍ୟବସ୍ଥା ଅନେକ ପରିମାଣରେ




କମର୍ସିଆଲ ଲେଣଦେଣ ଫର୍ମୁଲାରେ ବନ୍ଦୀ, ସେତେବେଳେ ଏଭଳି ଜଣେ ପ୍ରଫେସର ଆମକୁ ମନେପକାଇ ଦିଅନ୍ତି....! ମାନବିକତା, ଶ୍ରଦ୍ଧା ଓ ଦୟା ଏବେ ମଧ୍ୟ ଜଣେ ଶିକ୍ଷକଙ୍କର ଅସଲ ପରିଚୟ ହୋଇପାରେ। ଭାରତ ମହାନ୍ ଗୁରୁ ମାନଙ୍କର ପରମ୍ପରା ସମୃଦ୍ଧ ଦେଶ ଅଥଚ ସମ୍ପ୍ରତି ଆମଦେଶରେ ଶିକ୍ଷକ ଶିକ୍ଷାର୍ଥୀ ସମ୍ପର୍କ ଅନେକ ସମୟରେ ହୋଇ ପଡୁଛି ଶୀତଳ, ଆନୁଷ୍ଠାନିକ, ଏପରିକି ବେଳେ ବେଳେ ଭୀତିପ୍ରଦ। ଅଥଚ ଜଡବାଦୀ ୟୁରୋପ – ଆମେରିକା ଭଳି ଦେଶରେ ଶିକ୍ଷକ ଅର୍ଥ ବନ୍ଧୁତ୍ୱ, ସମର୍ଥନ, ଶ୍ରଦ୍ଧା ଏବଂ

**ସୁରେଶ ଜେନା (ପ୍ରଧାନ ଶିକ୍ଷକ)**

ଭଲପାଇବାର ମୂର୍ତ୍ତ ପ୍ରତୀକ ହୋଇ ଉଠିଛି। ଛତାଟିଏ ହୁଏତ ବର୍ଷାକୁ ସମ୍ପୂର୍ଣ୍ଣ ଅଟକାଇ ନପାରେ, କିନ୍ତୁ ତାହା ହୋଇପାରେ ଏକ ମାନବିକ ଆଚରଣର ପ୍ରତୀକ, ଯାହା ସମଗ୍ର ଜୀବନ ପାଇଁ ଶିକ୍ଷାର୍ଥୀକୁ ଜଣାଇ ଦିଏ– ତୁମ ପାଇଁ ଜଣେ ଶିକ୍ଷକ ଥିଲେ, ଅଛନ୍ତି ଏବଂ ରହିଥିବେ। ପ୍ରକୃତ ଶିକ୍ଷକଙ୍କର ସ୍ଥାନ ଶ୍ରେଣୀକକ୍ଷରେ ନୁହେଁ, ଛାତ୍ରଛାତ୍ରୀଙ୍କ ହୃଦୟରେ..!

ମୋ :୯୧୭୮୦୨୫୩୨୫

# ଭୂତଳ ଜଳକୁ ବିଷାକ୍ତ କରୁଛି ଉତ୍ତାପ: ୬୦ କୋଟି ଲୋକ ପାଇବେନି ପ୍ରକୃଷ୍ଟ ପାନୀୟ ଜଳ

ପୃଥିବୀର ପ୍ରାୟ ସମସ୍ତଙ୍କ ପାଇଁ ନଦୀ, ଝରଣା କି ହ୍ରଦ ପରି ମଧୁର ଜଳ ଉତ୍ସ ଉପଲବ୍ଧ ନୁହେଁ। ତେଣୁ ବିଶ୍ୱର ପ୍ରାୟ ୨୫ ପ୍ରତିଶତ ଲୋକ ନିଜର ଜୀବନଧାରଣ ପାଇଁ ଭୂତଳ ଜଳ ଉପରେ ନିର୍ଭରଶୀଳ। ତେବେ ତାପମାତ୍ରା ବଢ଼ିବା ଯୋଗୁଁ ଏହି ଭୂତଳ ଜଳ ଧୀରେଧୀରେ ବିଷାକ୍ତ ହୋଇଯିବା କାରଣରୁ ଚଳିତ ଶତାବ୍ଦୀର ଶେଷ ଆଡ଼କୁ କୋଟିକୋଟି ଲୋକ ସାଧାରଣ ଜଳଯୋଗାଣରୁ ବଞ୍ଚିତ ହେବେ ବୋଲି ଏକ ଆନ୍ତର୍ଜାତିକ ଗବେଷକ ଦଳ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅଷ୍ଟ୍ରେଲିଆର ଚାର୍ଲସ ଡାର୍ୱିନ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ବିଭିନ୍ନ ଉଷ୍ମ ସ୍ଥିତିରେ ବିଶ୍ୱର ଭୂତଳ ଜଳ ଉତ୍ସର ତାପମାତ୍ରା ପରିବର୍ତ୍ତନକୁ ଆକଳନ କରିବା ପାଇଁ ଏକ ମଡେଲ୍ ପ୍ରସ୍ତୁତ କରିଛନ୍ତି। ସବୁଠୁ ଖରାପ ପରିସ୍ଥିତିରେ ୨୧୦୦ ମସିହାରେ ପାଖାପାଖି ୫୯ କୋଟି ଲୋକ ପାନୀୟ ଜଳ ପାଇବାରୁ ବଞ୍ଚିତ



ହେବେ ବୋଲି ସେମାନେ ଆକଳନ କରିଛନ୍ତି। ମାତ୍ର ପରିତାପର ବିଷୟ, ବୈଶ୍ୱିକ ତାପମାତ୍ରା ବୃଦ୍ଧି ବା ଜଳବାୟୁ ପରିବର୍ତ୍ତନ କିପରି ଗ୍ରୀଷ୍ମ ଲହରି, ବରଫ ତରଳିବା ଓ ସମୁଦ୍ର ପତନ ବୃଦ୍ଧି ଆଦିକୁ ପ୍ରଭାବିତ କରିଥାଏ, ସେ ବାବଦରେ ଆମେ ତର୍ଜମା କରୁଥିବା ବେଳେ ଭୂତଳ ଜଳ ଉପରେ ଏହାର ପ୍ରଭାବକୁ ଆମେ କମ୍ ଗୁରୁତ୍ୱ ଦେଇଥାଉ। କିନ୍ତୁ ବାସ୍ତବରେ ଭୂତଳ ଜଳର ତାପମାତ୍ରା ଏକ ବା ଦୁଇ ଡିଗ୍ରି ବଢ଼ିଗଲେ ପରିବେଶରୁ ଅମ୍ଳଜାନ ହରଣ ହେବା, ପାଣିରେ ବିପଜ୍ଜନକ ବୀଜାଣୁ ଅଭିବୃଦ୍ଧି ସୁଗମ ହେବା କିମ୍ବା ପାଣିରେ ଆର୍ସେନିକ ଓ ମାଙ୍ଗାନିଜ ଭଳି ଭାରୀ ଧାତୁ ଅତ୍ୟଧିକ ମାତ୍ରାରେ ଦ୍ରବୀଭୂତ ହେବା ଭଳି ଭୟଙ୍କର ପରିଣାମ ଦେଖାଦେଇପାରେ ବୋଲି ଗବେଷକମାନେ ସତର୍କ କରାଇ ଦେଇଛନ୍ତି।

**ତାପମାତ୍ର ବଢ଼ାଉଛି ବଜ୍ରପାତ**

ତାପମାତ୍ରା ବୃଦ୍ଧି ଜନିତ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଜ୍ରପାତ ଓ ତଦ୍‌ଜନିତ କ୍ଷୟକ୍ଷତି ବୃଦ୍ଧି ପାଉଛି ବୋଲି ବିଶ୍ୱସ୍ତରୀୟ ବୈଜ୍ଞାନିକମାନେ କହିଛନ୍ତି। ଭାରତ ସମେତ ସମଗ୍ର ପୃଥିବୀରେ ଦିନକୁ ଦିନ ଅଧିକରୁ ଅଧିକ ବଜ୍ରପାତ ହେଉଥିବା ଲୋକେ ଅନୁଭବ କରୁଥିବା ବେଳେ ତାପମାତ୍ରା ବୃଦ୍ଧି ଯୋଗୁଁ ଏପରି ଘଟୁଥିବାର ଅନୁମାନ କରାଯାଉଛି। କାରଣ ସେଥିଯୋଗୁଁ ଅଧିକ ବଜ୍ରପାତ ସୃଷ୍ଟିକାରୀ ମେଘ ସୃଷ୍ଟି ହେଉଥିବା କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରାଳୟର ପ୍ରାକ୍ତନ ସଚିବ ମାଧବନ୍ ନାୟର ରାଜୀବନ୍ କହିଛନ୍ତି। ତାଙ୍କ କହିବା କଥା, ବଜ୍ରପାତ ସାଧାରଣତଃ ବିଶାଳ ଆଲମ୍ବ ବିସ୍ତାରଯୁକ୍ତ ଗଭୀର ମେଘଖଣ୍ଡ ସହ ଜଡ଼ିତ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବାୟୁର ଆର୍ଦ୍ରତା ଧାରଣ କ୍ଷମତା ବଢ଼ିବା ସହ ସେଭଳି ଅଧିକ ବଜ୍ରପାତକାରୀ ମେଘ ସୃଷ୍ଟି ହୋଇଥାଏ। ସେହିପରି ଭୂପୃଷ୍ଠର ତାପମାତ୍ରା ଯେତେ ବଢ଼ିବ, ବାୟୁ ସେତିକି ହାଲୁକା ହେବା ସହ ସେତେ ଅଧିକ ଉପରକୁ ଉଠିବ। ତେଣୁ ତାପମାତ୍ରା ବୃଦ୍ଧି ସହ ବଜ୍ରପାତ ହେବାର ଅଧିକ ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ଡି. ଏସ୍. ପାଇ କହିଛନ୍ତି। ମୋଟାମୋଟି ତାପମାତ୍ରା ଭାବେ ଏକ ଡିଗ୍ରି ସେଲ୍‌ସିଅସ୍ ବଢ଼ିଲେ ବାୟୁର ଆର୍ଦ୍ରତା ଧାରଣ କ୍ଷମତା ୭ ପ୍ରତିଶତ ବଢ଼ିଯିବ ଏବଂ ବଜ୍ରପାତ ଘଟଣା ୧୨ ପ୍ରତିଶତ ବଢ଼ିଯିବ ବୋଲି ପାଣିପାଗ ବିଭାଗର ପ୍ରାକ୍ତନ ଅଧକ୍ଷ କେ. ଜେ. ରମେଶ କହିଛନ୍ତି।

# ଚୀନ-ଜାପାନଠୁ ଭାରତରେ ବ୍ୟାପୁଛି ସବୁଠୁ ଅଧିକ କ୍ୟାନ୍ସର

କ୍ୟାନ୍ସର ସବୁଠାରୁ ମାରାତ୍ମକ ରୋଗ ଏହା ସମସ୍ତେ ଜାଣନ୍ତି । ତେବେ ସର୍ବଭାରତୀୟ ସ୍ତରରେ କର୍କଟ ମୃତ୍ୟୁର ଏକ ପ୍ରମୁଖ କାରଣ ଅଟେ । ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥାଆନ୍ତି ।



ତେବେ ଏକ ଅଧ୍ୟୟନରେ କୁହାଯାଇଛି, ୨୦୫୦ ସୁଦ୍ଧା ଏହି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବ । କ୍ୟାନ୍ସର ଡାଟା ଅନୁସାରେ, ୨୦୨୨ ମସିହାରେ ବିଶ୍ୱରେ ପ୍ରାୟ ୨୦ ମିଲିୟନ କର୍କଟ ରୋଗୀ ଚିହ୍ନଟ ହୋଇଥିବା ବେଳେ ଏବଂ ୯.୭ ମିଲିୟନରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ୨୦୫୦ ସୁଦ୍ଧା କର୍କଟ ରୋଗୀଙ୍କ ସଂଖ୍ୟା ୩୫ ମିଲିୟନ ହୋଇପାରେ ବୋଲି ଆକଳନ କରାଯାଇଛି । ଗତ ଦଶନ୍ଧିର ପରିସଂଖ୍ୟାନ ଦର୍ଶାଏ ଯେ ଭାରତରେ ମଧ୍ୟ ଏହି ଗୁରୁତର ତଥା ସାଂଘାତିକ ରୋଗୀଙ୍କ ସଂଖ୍ୟା ବର୍ଷକୁ ବର୍ଷ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଟେକ୍ନୋଲୋଜି ଏବଂ ଔଷଧର ନୂତନତ୍ୱ ହେତୁ ମଧ୍ୟ କର୍କଟ ରୋଗ ଆଉ ଏକ ଆରୋଗ୍ୟଜନକ ରୋଗ ନୁହେଁ, ଚିକିତ୍ସା ଖର୍ଚ୍ଚ ହେତୁ ସାଧାରଣ ଲୋକଙ୍କ ପାଇଁ କର୍କଟ ଚିକିତ୍ସା କଷ୍ଟସାଧ ହୋଇପଡିଛି । ତେବେ ବିଶ୍ୱହାର ଅପେକ୍ଷା ଭାରତରେ କର୍କଟ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏକ ଅଧ୍ୟୟନ ରିପୋର୍ଟରେ ଅନୁସନ୍ଧାନକାରୀମାନେ କହିଛନ୍ତି, ଦେଶରେ କର୍କଟ ରୋଗର ହଡି ବୃଦ୍ଧି ପାଇବାରେ ଲାଗିଛି । ଭାରତ ବର୍ତ୍ତମାନ କ୍ୟାନ୍ସରର କ୍ୟାପିଟାଲ ହୋଇଛି। ଭାରତ ବିଶ୍ୱର କ୍ୟାନ୍ସର ରାଜଧାନୀ: ନନ୍-କମ୍ୟୁନିକେବଲ ଡିଜିଜ(NCD)ର ରିପୋର୍ଟ ଦର୍ଶାଉଛି ଯେ, ଦେଶରେ ଯେଉଁ କ୍ରମରେ କ୍ୟାନ୍ସର ବୃଦ୍ଧି ପାଇବାରେ ଲାଗିଛି, ତାହା ଏକ ପ୍ରକାର ଚିନ୍ତାଜନକ ଅଟେ । କର୍କଟ ରୋଗର ବିଶ୍ୱ ହାରକୁ ଅତିକ୍ରମ କରି ଭାରତ 'କର୍କଟ ରାଜଧାନୀ' ରେ ପରିଣତ ହୋଇଛି । ଦ ଲାନସେଟ୍ ରିଜିଓନାଲ ହେଲଥ୍ ସାଉଥଇଷ୍ଟ ଏସିଆ ଜୋନଲ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଭାରତରେ ପ୍ରାୟ ୧୨ ଲକ୍ଷ ନୂତନ କର୍କଟ ରୋଗ ଏବଂ ୨୦୨୦ରେ ୯.୩ ଲକ୍ଷ ମୃତ୍ୟୁ ରେକର୍ଡ ହୋଇଛି । ଅନୁସନ୍ଧାନକାରୀମାନେ କହିଛନ୍ତି ଯେ ଏହି ଦଶନ୍ଧି ଶେଷ ସୁଦ୍ଧା ଦେଶରେ କର୍କଟ ରୋଗ ୧୨ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଚୀନ-ଜାପାନଠୁ ଆଗରେ ଭାରତ: ଅନୁସନ୍ଧାନକାରୀମାନେ କହିଛନ୍ତି ଯେ, କର୍କଟ ରୋଗୀ ଏବଂ ମୃତ୍ୟୁ ସଂଖ୍ୟା ଦେଖିବାକୁ ଗଲେ ଚୀନ ଏବଂ ଜାପାନ ଅପେକ୍ଷା ଆଗରେ ରହିଛି ଭାରତ । ଭାରତରେ ସ୍ତନ ଏବଂ ଗର୍ଭାଶୟ କର୍କଟ ମହିଳାମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ ରୋଗ ହୋଇଥିବାବେଳେ ପୁରୁଷମାନେ ଫୁସଫୁସ, ପାଟି ଏବଂ ପ୍ରୋଷ୍ଟେଟ କର୍କଟ ହେବାର ଆଶଙ୍କା ଅଧିକ ଥାଏ । ପ୍ରକାଶ ଥାଉକି, ଅନ୍ୟ ଦେଶ ତୁଳନାରେ ଭାରତରେ କର୍କଟ ରୋଗ ନିର୍ଣ୍ଣୟ ପାଇଁ ହାରାହାରି ବୟସ କମ୍ ଥିଲେ ମଧ୍ୟ କର୍କଟ ଚିହ୍ନଟ ହାର ବହୁତ କମ୍ ରହିଛି ।

# କୋଲେଷ୍ଟ୍ରଲ ବୃଦ୍ଧି ହେଲେ ଦେଖାଯାଏ ପାଦ ଫୁଲିବା

ଶରୀରରେ ଖରାପ କୋଲେଷ୍ଟ୍ରଲ ବୃଦ୍ଧି ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଏହି କାରଣରୁ ଧମନୀରେ ଅବରୋଧ ସୃଷ୍ଟି ହୋଇପାରେ, ଯାହା ରକ୍ତ ପ୍ରବାହକୁ ବନ୍ଦ କରିଦିଏ। ଏପରି ହେଲେ ହୃଦଘାତ ବିପଦ ବଢିଯାଏ। ଏଥିପାଇଁ କୋଲେଷ୍ଟ୍ରଲ ବୃଦ୍ଧିକୁ ନିରବ ଘାତକ ବୋଲି କୁହାଯାଏ।

ତେଣୁ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିବା ନିହାତି ଜରୁରୀ, ତାଠୁ ଆହୁରି ଆବଶ୍ୟକ ଯେ, ଯଦି କୋଲେଷ୍ଟ୍ରଲ ବୃଦ୍ଧି ପାଇଥାଏ, ତେବେ ଜାଣିବେ କିପରି। ଶରୀରରେ କେଉଁ ସବୁ ଲକ୍ଷଣ ଦେଖିଲେ କୋଲେଷ୍ଟ୍ରଲ ସ୍ତର ବୃଦ୍ଧି ପାଇଛି ବୋଲି ଜାଣିବେ, ଜାଣନ୍ତୁ...

**ଉଚ୍ଚ କୋଲେଷ୍ଟ୍ରଲ ଲକ୍ଷଣ**

ସାନ ଫ୍ରାନ୍ସିସ୍କୋ, କାଲିଫର୍ନିଆ ୟୁନିଭରସିଟିର ସର୍ଜରୀ ବିଭାଗ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ, ଯେତେବେଳେ ଶରୀରରେ କୋଲେଷ୍ଟ୍ରଲ ବଢିଯାଏ, ସେତେବେଳେ ପାଦ, ଆଙ୍ଗୁଠି, ମାଂସପେଶୀ ଏବଂ ହିପରେ ଯନ୍ତ୍ରଣା ଅନୁଭବ ହୁଏ। ତଥାପି, ବିଶ୍ରାମ ନେବା ପରେ ଏସବୁ ଲକ୍ଷଣ ବିଶେଷ ରହେ ନାହିଁ। ଏହା ବ୍ୟତୀତ ପାଦ ଫୁଲିବା କୋଲେଷ୍ଟ୍ରଲ ବୃଦ୍ଧିର ଏକ ଲକ୍ଷଣ। ଯଦି କୌଣସି ଆଘାତ ଦୀର୍ଘ ସମୟ ପର୍ଯ୍ୟନ୍ତ ସୁସ୍ଥ ନହୁଏ, ତେବେ ଏହା ଶରୀରରେ କୋଲେଷ୍ଟ୍ରଲ ବୃଦ୍ଧିର ଲକ୍ଷଣ ଭାବରେ ମଧ୍ୟ ବିବେଚନା କରାଯାଇପାରେ। ଉଚ୍ଚ କୋଲେଷ୍ଟ୍ରଲ ହୋଇଥିଲେ ବେଳେବେଳେ ଚର୍ମ ରଙ୍ଗ ହଳଦିଆ ମଧ୍ୟ ଦେଖାଯାଇଥାଏ।



# ପତିତପାବନ ବାନା ଓ ସୁଦର୍ଶନର ମାହାତ୍ମ୍ୟ

ଅଖିଳ ବ୍ରହ୍ମାଣ୍ଡପତି ଶ୍ରୀକ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀଜଗନ୍ନାଥ । ଦୁଃଖୀର ଦିନବନ୍ଧୁ, ଭକ୍ତବତ୍ସଳ ଭଗବାନ । ନିଜ ଭକ୍ତଙ୍କୁ ଚକ୍ର ଆଢୁଆଳ କରିରଖନ୍ତି, ପତିତପାବନ ନେତରେ ବିପଦ ଆପଦରୁ ସୁରକ୍ଷା ଦିଅନ୍ତି । ଅଠରନଳା ବାଟମଙ୍ଗଳା ପାଖରୁ ନୀଳକନ୍ଦର ଚୂଡାରେ ମହାପ୍ରଭୁଙ୍କ ନୀଳଚକ୍ର ଦେଖି ଛଳ ଛଳ ହୋଇଯାଏ ଭକ୍ତର ଆଖି । ଶ୍ରୀମନ୍ଦିର ପାଖେଇ ଆସୁଛି ପାଖେଇ ଆସୁଛି ଭାବରେ ମନ ହୁଏ ଉତ୍ଫୁଲ୍ଲିତ । ନୀଳାଚଳରେ ବଡଦେଉଳ, ବଡଦେଉଳରେ ନୀଳଚକ୍ର। ଆଉ ନୀଳଚକ୍ରରେ ଫରଫର୍ ଉଡୁଥାଇ ପତିତପାବନ ବାନା। ଆସନ୍ତୁ ଜାଣିବା ମନ୍ତ୍ରମୁଗ୍ଧକର କାଳିଆ ସାଆନ୍ତଙ୍କ ନୀଳଚକ୍ର ଓ ପତିତପାବନ ବାନାର ମାହାତ୍ମ୍ୟ...

ନୀଳଚକ୍ର ହେଲେ ଚକ୍ରରାଜ ସୁଦର୍ଶନ: ନୀଳଚକ୍ର ତଥା ଚକ୍ରରାଜ ସୁଦର୍ଶନ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ଆୟୁଧ ବା ଅସ୍ତ୍ର । ଅଷ୍ଟଧାତୁରେ ନିର୍ମିତ ଏହି ନୀଳଚକ୍ରରେ ରହିଛି ସୁନା, ରୁପା, ଲୁହା, ତମ୍ବା, ସୀସା, ପାରଦ ଇତ୍ୟାଦି । ଦୂରରୁ ଏହାର ଉଚ୍ଚତା ୨ ଫୁଟ ଭଳି ଲାଗୁଥିଲେ ମଧ୍ୟ ଏହା ପ୍ରକାଣ୍ଡକାୟ । ନନ୍ଦିଘୋଷ ଚକ ତଥା କୋଣାର୍କ ଚକଠାରୁ ମଧ୍ୟ ବିଶାଳ ମହାପ୍ରଭୁଙ୍କ ଏହି ଆୟୁଧ । ନୀଳଚକ୍ର ଓ ଏହା ଉପରେ ଥିବା ପାନପତ୍ରୀଙ୍କୁ ମିଶାଇଲେ ଏହାର ଉଚ୍ଚତା ହେବ ସାଢ଼େ ୧୩ ଫୁଟ । ଏହାର ୮ଟି ଅର ସହ ରହିଛି ୮ଟି ଦଣ୍ଡା । ପ୍ରତ୍ୟେକ ସଂକ୍ରାନ୍ତିରେ ନୀଳଚକ୍ରଙ୍କୁ ମାଜଣା ତଥା ସ୍ନାନ କରାଯାଏ । ତେବେ ଆଶ୍ଚର୍ଯ୍ୟର ବିଷୟ ଶହ ଶହ ବର୍ଷ ଧରି ଏହା ଶ୍ରୀମନ୍ଦିର ଉପରେ ଥିବାବେଳେ ସମୁଦ୍ର ଲୁଣି ପବନରେ ଏହା କଳଙ୍କି ଲାଗୁନାହିଁ । ଏହା ହିଁ ଭକ୍ତଙ୍କୁ ଆଶ୍ଚର୍ଯ୍ୟ କରୁଥିବା ବେଳେ ଏହା ମହାପ୍ରଭୁଙ୍କ ଚମତ୍କାରିତା ବୋଲି କୁହାଯାଏ ।

ସୁଦର୍ଶନଙ୍କ ଅଙ୍ଗହାର ନାଶିଲେ ମହାପ୍ରଭୁ: ମହାପ୍ରଭୁଙ୍କର ଏହି ଆୟୁଧକୁ ନେଇ ରହିଛି ଏକ କିମ୍ବଦନ୍ତୀ । ତିନି ଯୁଗରେ ସୁଦର୍ଶନ ଚକ୍ର ଗୋଲାକାର ହୋଇଥିଲେ ହେଁ କଳିଯୁଗରେ ସ୍ତମ୍ଭାକାର ରୂପେ ବିରାଜିତ ହୋଇଛନ୍ତି । ଏହା ପଛରେ ଥିବା ପୌରାଣିକ କିମ୍ବଦନ୍ତୀ ହେଉଛି, ସୁଦର୍ଶନ ଅନେକ ଯୁଦ୍ଧରେ ଅନେକ ଆସୁରିକ ଶକ୍ତିକୁ ପରାହତ କରିଥିଲେ। ସେହିଭଳି ମହାପ୍ରଭୁଙ୍କ ଦୂତ ରୂପେ ସବୁ କାର୍ଯ୍ୟ ତୁଲାଉଥିବାରୁ ତାଙ୍କ ମନରେ ଅହଙ୍କାର ଜାତ ହେଲା । ସୁଦର୍ଶନ ଚକ୍ର ଯୋଗୁଁ ପ୍ରଭୁଙ୍କ ନାମ ଚକ୍ରଧର ବୋଲି ସେ ଖୁବ୍ ଅହଙ୍କର କରୁଥିଲେ । ଏହା ଜାଣିପାରି ସୁଦର୍ଶନଙ୍କର ଅହଙ୍କାର ବିନାଶ ପାଇଁ ମହାପ୍ରଭୁ ତାଙ୍କୁ ହନୁମାନଙ୍କୁ ଡାକି ଆଣିବା ପାଇଁ ପଠାଇଲେ ।

ଅହଙ୍କାର ବଶତଃ ସୁଦର୍ଶନ ଗଲାବେଳେ କଦଳୀବନର ପତ୍ର ସବୁ କାଟି କାଟି ଯାଇ ସେଠାରେ ଅଭୟମୁଦ୍ରାରେ ତପସ୍ୟାରତ ହନୁମାନଙ୍କୁ ପ୍ରଭୁଙ୍କ ବାର୍ତ୍ତା ଜଣାଇଲେ । ହନୁମାନ ସବୁ ଜାଣିପାରି କହିଲେ ମୁଁ ଚିରଞ୍ଜିବୀ ହେଲେ ମଧ୍ୟ ବୃଦ୍ଧାବସ୍ଥା ଯୋଗୁଁ ଶୀଘ୍ର ଯାଇପାରିବି ନାହିଁ, ଏଣୁ ତୁମେ ଆଗରେ ଚାଲ ମୁଁ ପଛେ ପଛେ ପହଞ୍ଚିବି । ସୁଦର୍ଶନ ଏହା ଶୁଣି ଅହଙ୍କାରରେ ପୂର୍ବାପେକ୍ଷା ଦୁଇ ଗୁଣ ବେଗରେ ଯାଇ ପହଞ୍ଚିବା ବେଳକୁ ହନୁମାନ ସିଂହଦ୍ୱାରରେ ଅପେକ୍ଷା କରିଛନ୍ତି । ସୁଦର୍ଶନ ବିସ୍ମିତ ହୋଇ ପଚାରିଲେ, ତୁମ୍ଭେ ବୃଦ୍ଧ ହେତୁ ଶୀଘ୍ର ଆସିପାରିବ ନାହିଁ ବୋଲି କହୁଥିଲ, ଏତେ ଶୀଘ୍ର ମୋ ପୂର୍ବରୁ ପହଞ୍ଚିଲ କିପରି ?

ହନୁମାନ ଉତ୍ତର ଦେଇ କହିଲେ, ମୁଁ ପିତା ପବନଦେବଙ୍କୁ ସ୍ମରଣ କରିବାରୁ ସେ ମତେ ଏଠାରେ ପହଞ୍ଚାଇଲେ । ମୁଁ ବୃଦ୍ଧ ହୋଇପାରେ କିନ୍ତୁ ପିତା ପବନଦେବ ବୃଦ୍ଧ ନୁହଁନ୍ତି । କାରଣ ଦେବତାମାନେ ବୃଦ୍ଧ ହୁଅନ୍ତି ନାହିଁ, ସର୍ବଦା ଯୁବକ ଅବସ୍ଥାରେ ଥାଆନ୍ତି ।

ହନୁମାନଙ୍କ ଶକ୍ତି ପରୀକ୍ଷା ପାଇଁ ସୁଦର୍ଶନ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଚାରିଦ୍ୱାରରେ ଚାରୋଟି ସୁଦର୍ଶନ ରୂପେ ବାଟ ଓଗାଳିଲେ । ଏହାଦେଖି ହନୁମାନ ପ୍ରଭୁଙ୍କୁ ସ୍ମରଣ କରି ଚାରି ସୁଦର୍ଶନଙ୍କୁ ନିଜ ହାତରେ ଚାପି ପ୍ରଭୁଙ୍କ ପାଖରେ ପହଞ୍ଚିଲେ । ପ୍ରଭୁ ହନୁମାନଙ୍କୁ ଏକାକୀ ଦେଖି ସୁଦର୍ଶନଙ୍କ



କଥା ପଚାରିଲେ । ହନୁମାନ କହିଲେ-ପ୍ରଭୁ ଆପଣ ସବୁ ଜାଣନ୍ତି, ଆପଣ ତାଙ୍କୁ ଯେପରି ଚାରୋଟି ରୂପ ଦେଲେ, ମତେ ସେପରି ଚାରୋଟି ହାତ ଦେଲେ, ଚାରିଦ୍ୱାରରେ ସେ ମୋ ପଥରୋଧ କରିବାରୁ ମୁଁ ତାଙ୍କୁ ହସ୍ତରେ ଚାପି ରଖିଛି ।

ପ୍ରଭୁଙ୍କ ଦର୍ଶନରେ ମୁଁ କୌଣସି ବାଧା ମାନିବି ନାହିଁ କହିଲେ ହନୁମନ୍ତ । ତତ୍ପରେ ପ୍ରଭୁଙ୍କ ଆଦେଶ ମୁତାବକ ହନୁମାନ ସୁଦର୍ଶନଙ୍କୁ ବାହାର କଲେ, କିନ୍ତୁ ଚାରୋଟିଯାକ ସୁଦର୍ଶନ ଏକ ସ୍ତମ୍ଭାକାର ହୋଇ ତଳେ ପଡ଼ିଲେ । ଉଭୟଙ୍କ ଅହଙ୍କାର ପାଇଁ ପ୍ରଭୁ ଦଣ୍ଡବିଧାନ କଲେ । ସୁଦର୍ଶନ ସେହି ସ୍ତମ୍ଭାକାର ରୂପେ ଦକ୍ଷିଣପାର୍ଶ୍ୱ ପରିବର୍ତ୍ତେ ବାମପାର୍ଶ୍ୱରେ ରହିଲେ । ତପସ୍ୱୀ ହନୁମାନ ନାମରେ ଆଠ ହାତଯୁକ୍ତ ପ୍ରଶସ୍ତ ମୁଦ୍ରାରେ ଉତ୍ତରଦ୍ୱାର ଜଗି ରହିଲେ ।

ନିଜର ଅହଙ୍କାର ଯୋଗୁଁ ଖୁବ୍ ଲଜ୍ଜିତ ହୋଇ ସୁଦର୍ଶନ ପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ । ସୁଦର୍ଶନଙ୍କୁ କ୍ଷମା ଦେଇ ତାଙ୍କର ସମ୍ମାନ ରକ୍ଷା ନିମନ୍ତେ ପୁଣିଥରେ ଗୋଲାକାର ଭାବେ ତାଙ୍କୁ ଶ୍ରୀମନ୍ଦିର ଚୂଡ଼ାରେ ଅବସ୍ଥାପିତ କଲେ । ପ୍ରଭୁ ଏକଥା ମଧ୍ୟ ଜଣାଇଲେ ଯେ ଦୂରରୁ ସୁଦର୍ଶନଙ୍କୁ ଦର୍ଶନ କଲେ ଜଗନ୍ନାଥ ଦର୍ଶନ ସମ ପୁଣ୍ୟ ପ୍ରାପ୍ତି ହେବ । ଏହାଦ୍ୱାରା ତେଜହୀନ ହୋଇ ମଧ୍ୟ ସୁଦର୍ଶନଙ୍କ ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରହିଲା।

**ପତିତପାବନ ବାନାର ମାହାତ୍ମ୍ୟ:**

ସେହିପରି ନୀଳଚକ୍ର ସହ ପତିତପାବନ ବାନାର ମଧ୍ୟ ରହିଛି ବିଶେଷତ୍ୱ । ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ମହାପ୍ରଭୁ ବଡ଼ ଦେଉଳରେ ଉଡ଼ାଉଛନ୍ତି ପତିତପାବନ ବାନା । ଭକ୍ତଟିଏ ନିଜର କୌଣସି ମନସ୍କାମନା ନେଇ ନୀଳଚକ୍ରରେ ପତିତପାବନ ବାନାଟିଏ ଚଢାଇଲେ ସବୁ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି । ଏଥିପାଇଁ ପ୍ରତିଦିନ ଶହ ଶହ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପତିତପାବନ ବାନା ଶ୍ରୀମନ୍ଦିରରେ ଚଢାଇଥାନ୍ତି ।

ପ୍ରତିଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର ଚୂନରା ସେବାୟତ ଏହାକୁ ପରିବର୍ତ୍ତନ କରି ନୂଆ ବାନା ଲଗାଇଥାନ୍ତି । ଯଦି କୌଣସି କାରଣରୁ ନୀଳଚକ୍ରରେ ବାନା ନ ଲାଗିପାରେ ତେବେ ବନ୍ଦ ହୋଇଯାଏ ମହାପ୍ରଭୁଙ୍କ ନୀତିକାନ୍ତି । କେବଳ ଲାଲ, ହଳଦିଆ ଓ ଧଳା ରଙ୍ଗର ବାନା ହିଁ ଲାଗିଥାଏ ନୀଳଚକ୍ରରେ। ପୂର୍ବରୁ ନୀଳଚକ୍ରରେ ଦେଢ ଶହ ହାତର ବିଶାଳ ବାନା ଲାଗି ହେଉଥିଲା । ତେବେ ପବନ ଚାପ ଯୋଗୁଁ ନୀଳଚକ୍ରର କ୍ଷତି ହେବା ଆଶଙ୍କା କରି ପ୍ରତ୍ନତାତ୍ତ୍ୱିକ ବିଭାଗର ନିର୍ଦ୍ଦେଶ କ୍ରମେ ମାତ୍ର ୧୪ ହାତିଆ ବାନା ଲାଗି ହେଉଛି। ଶ୍ରୀମନ୍ଦିର ଚୂନରା ସେବାୟତମାନେ ପ୍ରତିଦିନ ଶ୍ରୀମନ୍ଦିର ଉପରକୁ ଚଢ଼ି ଏହି ବାନା ଲାଗି କରିଥାନ୍ତି । ପାରମ୍ପାରିକ ଭାବେ କେବଳ ହାତ ଓ ଗୋଡ ସାହାଯ୍ୟରେ ଶ୍ରୀ ନ୍ଦିର ଉପରକୁ ଚଢ଼ି ବାନା ଲଗାଇ ଥାଆନ୍ତି ସେବାୟତ ।

ଭୁବନେଶ୍ୱର
୨୩ ଜୁଲାଇ,
ବୁଧବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ସିଲେକ୍ଟ କମିଟି ସଦସ୍ୟଙ୍କୁ ତାରିଫ୍ କଲେ ବୈଜୟନ୍ତ



## ବାଚସ୍ପତିଙ୍କ ସହ ଉଠାଇଲେ ଗ୍ରୁପ ଫଟୋ

**ନୂଆଦିଲ୍ଲୀ, ୨୨/୭**

ଲୋକସଭାରେ ଉପସ୍ଥାପିତ ହୋଇଛି ନୂଆ ଆୟକର ବିଲ ସମ୍ପର୍କିତ ସିଲେକ୍ଟ କମିଟି ରିପୋର୍ଟ । ଏହି ରିପୋର୍ଟ ଉପସ୍ଥାପିତ ହେବା ପରେ ସିଲେକ୍ଟ କମିଟିର ସମସ୍ତ ସଦସ୍ୟଙ୍କୁ ପ୍ରଶଂସା କରିଛନ୍ତି ଆୟକର ବିଲ୍ ସମ୍ପର୍କିତ ସିଲେକ୍ଟ କମିଟିର ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା । ବିଲ୍‌ର ଯାଞ୍ଚ କରିବା ସହ ସେମାନଙ୍କର ପ୍ରତିବଦ୍ଧତା ଓ ଟିମ୍‌ୱାର୍କ ପାଇଁ ସମସ୍ତଙ୍କୁ ତାରିଫ କରିଛନ୍ତି ବୈଜୟନ୍ତ। ଏଥିସହ ସମସ୍ତ ସଦସ୍ୟ ବାଚସ୍ପତି ଓମ୍ ବିର୍ଲାଙ୍କ ସହ ଗ୍ରୁପ ଫଟୋ ଉଠାଇଥିଲେ। ସୋସିଆଲ୍ ମିଡିଆ ଏକ୍ସରେ ସୂଚନା ଦେଇ ବୈଜୟନ୍ତ କହିଛନ୍ତି, କମିଟି ଏକ ଦଳଗତ ମନୋଭାବ ସହିତ କାମ କରିଥିଲା । କୌଣସି ସମୟ ବୃଦ୍ଧି ନକରି ଏହି ବିଶାଳ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ସମାପ୍ତ କରିବାରେ ଯେଉଁ କଠିନ ପରିଶ୍ରମ କରିଛନ୍ତି, ସେଥିପାଇଁ ସେମାନଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି ବୈଜୟନ୍ତ ।

# ରାଜ୍ୟରେ ଖରିଫ ଫସଲ ପାଇଁ ସାର ଯୋଗାଣ ସ୍ଥିତିର ସମୀକ୍ଷା କଲେ କୃଷି ସଚିବ

**ଭୁବନେଶ୍ୱର, ୨୨/୭**
**ନ୍ୟୁଜ ବ୍ୟୁରୋ**

ଖରିଫ ଋତୁ ଆରମ୍ଭ ହୋଇସାରିଛି । ଏହି କ୍ରମରେ ରାଜ୍ୟରେ ପ୍ରାୟ ୫୮.୫୦ ଲକ୍ଷ ହେକ୍ଟର ଜମିରେ ଖରିଫ ଫସଲ ହେବାର ଯୋଜନା ରହିଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ଖରିଫ ଫସଲ ପାଇଁ ସାର ଯୋଗାଣ ସ୍ଥିତିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ସମବାୟ ବିଭାଗ, ମାର୍କଫେଡ଼, ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ଼ ଇତ୍ୟାଦି ସଂସ୍ଥା ତଥା ଇଫ୍‌କୋ ଭଳି ପ୍ରମୁଖ ସାର ଉତ୍ପାଦନକାରୀ ସଂସ୍ଥା ଇତ୍ୟାଦିରୁ ବହୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପୂର୍ବ ବର୍ଷର ରେକର୍ଡ ପରିମାଣକୁ ଅନୁଧ୍ୟାନ କରି ସେହି ଅନୁସାରେ ଆଗୁଆ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡ଼ ପାଢ଼ୀ । ଖରିଫ ଋତୁ ପାଇଁ ପ୍ରାୟତଃ ଅଗଷ୍ଟରୁ ସେପ୍ଟେମ୍ବର ମାସ ମଧ୍ୟଭାଗ ପର୍ଯ୍ୟନ୍ତ ସାରର ସର୍ବାଧିକ ଚାହିଦା ରହିଥାଏ। ଏହି ଚାହିଦାକୁ ମେଣ୍ଟାଇବା ପାଇଁ ଖରିଫ ଋତୁ ଆରମ୍ଭରେ ସରକାର ମାର୍କଫେଡ଼, ପାକ୍ସ, ଲ୍ୟାମ୍ପସ ତଥା ଖୁଚୁରା ଡିଲରମାନଙ୍କ ପାଖରେ ବିଭିନ୍ନ ସାର ଯଥା ୟୁରିଆ, ଡିଏପି, ଏମଓପି, ଏନପିକେଏସ୍, ଏସଏସପି ଆଦି ଉପଲବ୍ଧ କରାଇବା ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି। ସେହିଭଳି ନାନୋ ସାର ଭଳି ଅନ୍ୟାନ୍ୟ ଇନପୁଟର ଟ୍ୟାଗିଂ ନ କରିବାକୁ ସାର ଉତ୍ପାଦନକାରୀଙ୍କୁ ସରକାରଙ୍କ ତରଫରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେପରି ଚାଷୀମାନେ କୌଣସି ବାଧ୍ୟବାଧକତା ବିନା ସ୍ୱାଧୀନ ଭାବେ ଆବଶ୍ୟକୀୟ ସାର କ୍ରୟ କରିପାରିବେ । ନକଲି ସାରର ବିକ୍ରୟ/ କଳାବଜାରୀ/ ଗଚ୍ଛିତ ରଖିବା ଆଦି ବେଆଇନ୍ କାର୍ଯ୍ୟକୁ ରୋକିବା ପାଇଁ ସାର ଯୋଗାଣ କାରୀ ସଂସ୍ଥା ଓ ସାର ବିକ୍ରେତାମାନଙ୍କୁ କୃଷି ସଚିବ ଡ଼ ପାଢ଼ୀ ତାଗିଦ କରିଛନ୍ତି । ସୂଚନାଯୋଗ୍ୟ ଯେ, କଳାବଜାରୀ ଆଦିକୁ ରୋକିବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଦ୍ୱାରା ଚଢଉ ଜାରି ରହିଛି। ନିୟମିତ ଭାବରେ ସାର ଖୁଚୁରା ବିକ୍ରେତା ଏବଂ ପାଇକାରୀ ବିକ୍ରେତା ପଏଣ୍ଟଗୁଡ଼ିକର ଅଚାନକ ଯାଞ୍ଚ ଏବଂ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯେକୌଣସି ପ୍ରକାରର ବେଆଇନ କାର୍ଯ୍ୟକଳାପ ଯାଞ୍ଚ କରି ରାଜ୍ୟସାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସାରା ଓଡ଼ିଶାରେ ସମୟାନୁସାରେ ସାରର ଯୋଗାଣ ସୁନିଶ୍ଚିତ କରିବା ପାଇଁ ନୂତନ ରେକ୍ ପଏଣ୍ଟ ସ୍ଥାପନ ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।



# ଅଷ୍ଟମ ଶ୍ରେଣୀ ବହିରୁ ପାଇକ ବିଦ୍ରୋହ ବାଦ୍ : ସ୍ପଷ୍ଟୀକରଣ ଦେଲା ଏନ୍‌ସିଇଆର୍‌ଟି

**ଭୁବନେଶ୍ୱର,୨୨/୦୭**
**ନ୍ୟୁଜ ବ୍ୟୁରୋ**

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆରଟି) ଦ୍ୱାରା ପ୍ରସ୍ତୁତ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକରୁ 'ପାଇକ ବିଦ୍ରୋହ' ବିଷୟକୁ ବାଦ୍ ଦିଆଯାଇନି । ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ପ୍ରକାଶିତ ହେବାକୁ ଥିବା ପାଠ୍ୟପୁସ୍ତକର ଦ୍ୱିତୀୟ ଖଣ୍ଡ (ସେକେଣ୍ଡ ଭଲ୍ୟୁମ୍)ରେ ଆଞ୍ଚଳିକ ପ୍ରତିରୋଧ ଆନ୍ଦୋଳନ ଓ ସଶସ୍ତ୍ର ବିଦ୍ରୋହ ସଂପର୍କିତ ବିଷୟ ସ୍ଥାନିତ ହେବ। ଏଥିରେ ଓଡ଼ିଶାର ପାଇକ ବିଦ୍ରୋହ, ଖୋର୍ଦ୍ଧା ବିଦ୍ରୋହ, ପଞ୍ଜାବର କୁକା ଆନ୍ଦୋଳନ, ଶିଖ୍ ବିଦ୍ରୋହକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ପାଠ୍ୟପୁସ୍ତକର ଦ୍ୱିତୀୟ ଖଣ୍ଡ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି । ଏପରି ସ୍ପଷ୍ଟୀକରଣ ରଖିଛି ଏନ୍‌ସିଇଆରଟି। ସୂଚନାଯୋଗ୍ୟ, ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ'ରେ ଦି କଲୋନିଆଲ୍ ଏରା ଇନ୍ ଇଣ୍ଡିଆ ଚାପ୍ଟରରେ ଓଡ଼ିଶା ପାଇକ ବିଦ୍ରୋହ ବାଦ୍ ପଡ଼ିଥିବା ନେଇ ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏନ୍‌ସିଇଆରଟି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ, ପ୍ରକାଶିତ ପାଠ୍ୟପୁସ୍ତକ ହେଉଛି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନର ପ୍ରଥମ ଖଣ୍ଡ (ଭଲ୍ୟୁମ୍-୧) । ଏହାର ଦ୍ୱିତୀୟ ଖଣ୍ଡ ଆସନ୍ତା ସେପ୍ଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ ପ୍ରକାଶିତ ହେବ। ଏହି ଦ୍ୱିତୀୟ ଖଣ୍ଡରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣା ଓ ଆନ୍ଦୋଳନକୁ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁସଂଗଠିତ ଢଙ୍ଗରେ ଉପସ୍ଥାପନ କରାଯିବ। ଏଥିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ପାଇକ ବିଦ୍ରୋହ ବିଷୟ ବିସ୍ତୃତ ଭାବେ ରହିବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଦେଶର ସମୃଦ୍ଧ ଐତିହାସିକ ଓ ସାଂସ୍କୃତିକ ବିବିଧତା ସଂପର୍କରେ ଆହୁରି ଗଭୀର ଜ୍ଞାନ ଲାଭ କରିପାରିବେ ବୋଲି ଏନ୍‌ସିଇଆରଟି ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି।



# ଗାଡ଼କଣ ଅଳିଆଗଦା ମାମଲାରେ ହାଇକୋର୍ଟଙ୍କ ଜବାବ ତଲବ

**କଟକ, ୨୨/୭ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରକୁ ପ୍ରଦୂଷିତ କରିଚାଲିଛି ଗାଡ଼କଣ ଅଳିଆ ଗଦା। ଏହାକୁ ନେଇ ଅନେକ ତମ୍ବିତୋଫାନ ଓ ରାଜନୀତି ବି ହୋଇଛି । ସ୍ଥାନୀୟବାସୀଙ୍କ ଦୁଃଖର କାରଣ ପାଲଟିଥିବା ଏହି ଡମ୍ପିଂୟାର୍ଡ ନେଇ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ହାଇକୋର୍ଟରେ ଦାଏର ହୋଇଥିଲା । ଏନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରାଜ୍ୟ ସରକାର, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଖୋର୍ଦ୍ଧା ଜିଲ୍ଲାପାଳ ଓ ଭୁବନେଶ୍ୱର ମହାନଗର ନିଗମଙ୍କୁ ଜବାବ ମାଗିଛନ୍ତି । ରାଜଧାନୀର ଛାତି ଉପରେ ଥିବା ଏହି ଅଳିଆଗଦା ପରିବେଶ ନିୟମକୁ ଉଲ୍ଲଂଘନ କରିଆସୁଛି । ବିନା ପରିବେଶ ମଞ୍ଜୁରୀ, ଆବର୍ଜନା ନିରାପଦ ପରିଚାଳନା ନିୟମ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବିନା ଅନୁମୋଦନରେ ଗତ ୧୮ବର୍ଷ ଧରି ହୋଇଆସୁଥିବା ଅଭିଯୋଗ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ଅଭିଯୋଗ କରିଛନ୍ତି ଯେ ଏହି ଅଳିଆଗଦା ଯୋଗୁଁ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ହେବା ସହିତ ଓ ଏହାର ଆଖପାଖରେ ରହୁଥିବା ବାସିନ୍ଦାମାନଙ୍କର ସ୍ୱାସ୍ଥ୍ୟପ୍ରତି ଘୋର ବିପଦ ସୃଷ୍ଟି ହୋଇଛି। ବାରମ୍ବାର ଆନ୍ଦୋଳନ ଓ ଦାବିପତ୍ରକୁ ଉଭୟ ପୌର କର୍ତ୍ତୃପକ୍ଷ ଏବଂ ସରକାର ଅଣଦେଖା କରିଛନ୍ତି। ବେଆଇନ ଭାବେ ଚାଲିଥିବା ଏହି ଅଳିଆଗଦାକୁ ସରକାର ଅସ୍ଥାୟୀ ଆବର୍ଜନା ପରିଚାଳନା କେନ୍ଦ୍ର ନାମ ଦେଇ ବିଭିନ୍ନ ନିୟମ ଉଲ୍ଲଂଘନ କରିଥିବା ପିଟିସନରେ ଉଲ୍ଲେଖ କରାଯାଇଛି । ଏହାକୁ ନେଇ ଓଡିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ମାଗିବାରୁ ଆଶ୍ୱସ୍ତି ହୋଇଛନ୍ତି ସ୍ଥାନୀୟ ଲୋକେ। ଆସନ୍ତା ଅଗଷ୍ଟ ୪ ତାରିଖରେ ଜବାବ ରଖିବାକୁ ସମୟ ଦେଇଛନ୍ତି ହାଇକୋର୍ଟ। ବିନା ଅନୁମତିରେ କିଭଳି ଗାଡକଣ ଅଳିଆଗଦା ପରିଚାଳନା ହେଉଛି ତାହାର ଉତ୍ତର ଦେବେ ସରକାର ।



# ପୀଡିତା ପରିବାରକୁ ଭେଟିଲେ ବିଜେପି ପ୍ରତିନିଧି ଦଳ

**କୋକସରା,୨୨/୦୭**
**ନ୍ୟୁଜ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଅନ୍ତର୍ଗତ ଏକ ଗ୍ରାମର ଜଣେ ଆଦିବାସୀ ନାବାଳିକା ଦୁଷ୍କର୍ମର ଶିକାର ହୋଇଥିବା ନେଇ ଆମପାଣି ଥାନାରେ ପୀଡିତା ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ନକୁଳ ବେହେରାକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଧର୍ମଗଡ ବିଧାୟକଙ୍କ ନିର୍ଦ୍ଦେଶରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ରଙ୍କ ପ୍ରତିନିଧିତ୍ୱରେ ପହଞ୍ଚି ନାବାଳିକା ପରିବାରକୁ ସାକ୍ଷାତ କରିଥିଲେ। ଏହି ଘଟଣା ରାଜ୍ୟ ସରକାର ପୀଡିତା ପରିବାର ପ୍ରତି ସହାନୁଭୂତି ପ୍ରକାଶ କରିଛନ୍ତି । ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ବିଧାୟକଙ୍କ ପ୍ରତିନିଧି ତ୍ରିନାଥ ଶବର, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ଆମପାଣି ମଣ୍ଡଳ ସମ୍ପାଦକ ତୁଳାରାମ ନାଏକ, ଯୁବ ମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା, ବରିଷ୍ଠ ବିଜେପି ନେତା ଚକ୍ରଧର ବେଶ୍ରା ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ପରିବାରକୁ ସମବେଦନା ଜଣାଇଥିଲେ।

# ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କ ଶପଥ ଗ୍ରହଣ



**କଟକ, ୨୨/୭ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ୍ ଜଷ୍ଟିସ୍ ପାଠକଙ୍କୁ ଶପଥପାଠ କରାଇଥିଲେ। ରାଜ୍ୟ ଗୃହ ସଚିବ ସତ୍ୟବ୍ରତ ସାହୁ ଆସାମ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ ଜଷ୍ଟିସ୍ ପାଠକଙ୍କ ବଦଳି ସଂପର୍କିତ ବିଜ୍ଞପ୍ତି ପାଠ କରିଥିଲେ। ଶପଥଗ୍ରହଣ ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତି, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ହାଇକୋର୍ଟ ବାର୍ ସଭାପତି ମନୋଜ କୁମାର ମିଶ୍ର, ସଂପାଦକ ଅଭିଜିତ ପଟ୍ଟନାୟକ, ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି, ରେଜିଷ୍ଟ୍ରାର, ବରିଷ୍ଠ ଅଧିକାରୀ ଓ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।

ଗୌହାଟୀ ହାଇକୋର୍ଟରୁ ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି ପାଇଁ ମେ' ୨୬ରେ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ୍ କରିଥିଲେ। ଜୁଲାଇ ୧୪ରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ତରଫରୁ ତାଙ୍କ ବଦଳି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

ଜଷ୍ଟିସ୍ ପାଠକ ୧୯୬୫ ଅଗଷ୍ଟ ୨୮ରେ ଗୌହାଟୀଠାରେ ଜନ୍ମଗ୍ରହଣ କରିଥିଲେ। ଗୌହାଟୀ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ପାସ୍ କରିବା ପରେ ୧୯୯୦ରେ ସେ ଆଇନଜୀବୀ ଭାବେ ଯୋଗ ଦେଇଥିଲେ। ସେ ଗୌହାଟୀ ହାଇକୋର୍ଟ ଓ ଆସାମ ସରକାରଙ୍କ ଶିକ୍ଷା ବିଭାଗର ଷ୍ଟାଣ୍ଡିଂ କାଉନ୍‌ସେଲ୍ ଭାବେ କାର୍ଯ୍ୟ କରୁଥିବା ବେଳେ ଗୌହାଟୀ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୩ ମେ ୨୨ରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଏବଂ ୨୦୧୮ ନଭେମ୍ବର ୧୨ରେ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ। ଓଡ଼ିଶା ହାଇକୋର୍ଟରେ ମଞ୍ଜୁରିପ୍ରାପ୍ତ ବିଚାରପତି ସଂଖ୍ୟା ୩୩ ହୋଇଥିବା ବେଳେ ଏବେ ମୁଖ୍ୟ ବିଚାରପତିଙ୍କ ସମେତ ୨୦ଜଣ ବିଚାରପତି ରହିଛନ୍ତି।

# ଜୁଲାଇ ୩୦ରେ ଲଞ୍ଚ୍ ହେବ ପୃଥିବୀ ରକ୍ଷକ 'ନିସାର'

## ବିଶ୍ୱର ପ୍ରତ୍ୟେକ କୋଣରେ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ସୂଚନା ଦେବ

**ନୂଆଦିଲ୍ଲୀ ୨୨/୦୭**

ଆସନ୍ତା ୩୦ ତାରିଖରେ ଲଞ୍ଚ ହେବ ସବୁଠୁ ଶକ୍ତିଶାଳୀ ସାଟେଲାଇଟ୍ 'ନିସାର' । ଆସନ୍ତା ୩୦ ତାରିଖ ସନ୍ଧ୍ୟା ୫.୪୦ରେ ଶ୍ରୀହରିକୋଟାର ସତୀଶ ଧୱନ ସ୍ପେସ୍ ସେଣ୍ଟରରୁ ଏହାର ଉତ୍କ୍ଷେପଣ ହେବ। ଭାରତୀୟ ମହାକାଶ ଏଜେନ୍ସି ଇସ୍ରୋ ଓ ଆମେରିକୀୟ ମହାକାଶ ଏଜେନ୍ସି ନାସା ମିଳିତ ଭାବେ ଏହାକୁ ପ୍ରସ୍ତୁତ କରିଛନ୍ତି । ଏହା ଏକମାତ୍ର ସାଟେଲାଇଟ୍ ଯାହା ବିଶ୍ୱର ଯେକୌଣସି ପ୍ରକାର ବିପର୍ଯ୍ୟୟ ପୂର୍ବରୁ ସୂଚନା ଦେବ । ମହାକାଶରେ ମୁତୟନ ହେବାକୁ ଯାଉଥିବା ଏହି ଗୁଇନ୍ଦା ସାଟେଲାଇଟ୍ ଭୂକମ୍ପ, ଭୂସ୍ଖଳନ, ଜଙ୍ଗଲ ନିଆଁ, ବର୍ଷା, ବାତ୍ୟା, ଝଡ଼, ବଜ୍ରପାତ, ଆଗ୍ନେୟଗିରି ବିସ୍ଫୋରଣ, ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକର ଗତିବିଧି... ସବୁ ଦିଗ ଉପରେ ନଜର ରଖିବ । ପ୍ରାକୃତିକ ଘଟଣା ପୂର୍ବରୁ ଏହା ସତର୍କ କରାଇଦେବ । ନାସା-ଇସ୍ରୋ ସିନ୍ଥେଟିକ୍ ଅପର୍ଚର ରାଡାର (ନିସାର) ଲଞ୍ଚ୍ ହେବା ପରେ ବିଶ୍ୱର ପ୍ରତ୍ୟେକ ସ୍ଥାନରେ ହେବାକୁ ଯାଉଥିବା ଭୂକମ୍ପର ସୂଚନା ଦେବ। ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକର ଗତିବିଧିକୁ ଏହା ସେଣ୍ଟିମିଟର ସ୍ତରରେ ରେକର୍ଡ କରିପାରିବ। ଅଧିକ ବା କମ୍ ଗତିବିଧିରୁ କେଉଁ ସ୍ଥାନରେ ଓ କେତେବେଳେ ଭୂକମ୍ପ ହୋଇପାରେ, ତାହା ଜଣାପଡ଼ିବ । ଏହା ୧୨ ଦିନରେ ପୃଥିବୀର ଗୋଟିଏ ପରିକ୍ରମା ଶେଷ କରିବ। 'ନିସାର' ସାଟେଲାଇଟ୍‌ରେ ଏକ ବଡ଼ ମୁଖ୍ୟ ବସ୍ ରହିବ, ଯେଉଁଥିରେ ଅନେକ ଉପକରଣ ଯଥା ଟ୍ରାନ୍ସପୋଣ୍ଡର, ଟେଲିସ୍କୋପ୍ ଓ ରାଡାର ସିଷ୍ଟମ୍ ରହିବ। ଏଥିରୁ ଏକ ବାହୁ ବାହାରିବ, ଯାହା ଉପରେ ଏକ ସିଲିଣ୍ଡର ଥିବ । ଲଞ୍ଚ୍ ହେବାର କିଛି ଘଣ୍ଟା ପରେ ସିଲିଣ୍ଡର ଖୋଲିବ । ଏଥିରୁ ଡିଶ୍ ଆଣ୍ଟିନା ଭଳି ଏକ ବଡ଼ ଛତା ବାହାରିବ। ଏହି ଛତା ହିଁ ସିନ୍ଥେଟିକ୍ ଅପର୍ଚର ରାଡାର । 'ନିସାର' ପରିଚାଳନା ମୁଖ୍ୟ କ୍ୟାଥଲିନ୍ ଜୋନ୍ସ କହିଛନ୍ତି ଯେ, ୧୨ ଦିନରେ 'ନିସାର' ପୃଥିବୀର ୨ୟ ପରିକ୍ରମା କରିବ । ଏହି ବ୍ୟବଧାନରେ ପୃଥିବୀ ପୃଷ୍ଠରେ ହେବାକୁଥିବା ପରିବର୍ତ୍ତନ ବିଷୟରେ ଜଣାପଡ଼ିଯିବ । ଫଳରେ କେଉଁ ଦେଶରେ କେଉଁ ପ୍ରକାର ପାଣିପାଗ ବା କେଉଁ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ଅଛି, ସେ ବିଷୟରେ ଆମେ ସଠିକ୍ ଜାଣିପାରିବା। ଜିଏସ୍‌ଏଲ୍‌ଭି-ଏମ୍‌କେ୨ ରକେଟ୍‌ରୁ ନିସାର ଲଞ୍ଚ୍ କରାଯିବ। ସାଟେଲାଇଟ୍ ଓ ପେଲୋଡ୍‌ଗୁଡ଼ିକର ଅନେକ ଥର ପରୀକ୍ଷଣ ସରିଛି। ଏହା ବିଶ୍ୱର ସବୁଠୁ ମହଙ୍ଗା ପୃଥିବୀ ଅବଲୋକନକାରୀ ସାଟେଲାଇଟ୍। ଏହାର ନିର୍ମାଣରେ ୧୦ ହଜାର କୋଟି ଟଙ୍କା ନିବେଶ ହୋଇଛି। 'ନିସାର'ର ରାଡାର ୨୪୦ କିମି ପର୍ଯ୍ୟନ୍ତ କ୍ଷେତ୍ରଫଳର ସମ୍ପୂର୍ଣ୍ଣ ସ୍ୱଚ୍ଛ ଚିତ୍ର ଉତ୍ତୋଳନ କରିବ । ପୃଥିବୀର ଗୋଟିଏ ସ୍ଥାନର ଫଟୋକୁ ଏହା ୧୨ ଦିନ ପରେ ପୁଣି ଦେବ । କାରଣ ପୃଥିବୀର ଗୋଟିଏ ପରିକ୍ରମା ପୂରଣ କରିବାକୁ ଏହାକୁ ୧୨ ଦିନ ଲାଗିବ । ମିଶନ୍‌ର ଜୀବନକାଳ ୫ ବର୍ଷ, ତେବେ ଏହା ଆଗକୁ ବଢ଼ିପାରେ ବୋଲି କୁହାଯାଉଛି



# ସ୍ତ୍ରୀଙ୍କୁ ଟ୍ରଲିରେ ବୋହି ମେଡିକାଲ ନେଲେ ବୃଦ୍ଧ ସ୍ୱାମୀ

**ପାରାଦୀପ, ୨୨/୦୭ ନ୍ୟୁଜ ବ୍ୟୁରୋ**

ମିନି ଇଣ୍ଡିଆ କୁହାଯାଉଥିବା ପାରାଦୀପ ବନ୍ଦର ନଗରୀରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ରୋଗୀଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସ ମିଳୁନଥିବା ଅଭିଯୋଗ ହୋଇଛି। ଟ୍ରଲିରେ ବୋହି ସ୍ତ୍ରୀଙ୍କୁ ମେଡିକାଲରେ ଭର୍ତ୍ତି କଲେ ଜଣେ ବୃଦ୍ଧ। ସ୍ୱାସ୍ଥ୍ୟସେବାର ବିଫଳ ଚିତ୍ରକୁ ପଦାରେ ପକାଇଛି ପାରାଦୀପର ଏହି ଦୃଶ୍ୟ । ଘଟଣାଟି ହେଉଛି ପାରାଦୀପ ଷଣ୍ଢକୁଦ ବସ୍ତି ଅଞ୍ଚଳର। ଜଣେ ବୃଦ୍ଧ ତାଙ୍କ ପତ୍ନୀଙ୍କୁ ଏକ ଟ୍ରଲିରେ ପକାଇ ମେଡିକାଲ ନେଉଥିଲେ। ଅଠରବାଙ୍କି ପୋଲ ନିକଟରେ ଜଣେ ବାଇକ୍ ଆରୋହୀ ସେମାନଙ୍କୁ ଦେଖି ଆମ୍ବୁଲାନ୍ସ କଥା ପଚାରିଥିଲେ। ହେଲେ ଆମ୍ବୁଲାନ୍ସ ନମିଳିବାରୁ ଟ୍ରଲିରେ ବୋହି ନେଉଥିବା କଥା ବୃଦ୍ଧ ଜଣଙ୍କ କହିଥିଲେ। ଏହାକୁ ନେଇ ପାରାଦୀପରେ ସ୍ୱାସ୍ଥ୍ୟସେବା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାରାଦୀପର ବସ୍ତି ଅଞ୍ଚଳରେ ଆଦିବାସୀ ଓ ବଙ୍ଗାଳୀ ସମ୍ପ୍ରଦାୟର ଲୋକେ ରୁହନ୍ତି। ସେମାନେ ମୁଖ୍ୟତଃ ମାଛ ଧରିବା ଏବଂ ମାଛ ବ୍ୟବସାୟ କରୁଥିବାରୁ ଟ୍ରଲି ବ୍ୟବହାର କରିଥାନ୍ତି। ଯଦି କାହାର ଦେହ ଖରାପ ହୁଏ ସେମାନେ ଆମ୍ବୁଲାନ୍ସକୁ ଡାକିବା ବଦଳରେ ସଙ୍ଗେ ସଙ୍ଗେ ରୋଗୀକୁ ଟ୍ରଲିରେ ପକାଇ ମେଡିକାଲ ନେଇ ଆସିଥାନ୍ତି। ଉକ୍ତ ଘଟଣା ସମୟରେ ମଧ୍ୟ କେହି ଆମ୍ବୁଲାନ୍ସକୁ ଫୋନ କରିନଥିବା ତଦନ୍ତରୁ ଜଣାପଡ଼ିଥିବା ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସୂଚନା ଦେଇଛନ୍ତି।

# ରେଭେନ୍ସା ରାଗିଂ ଘଟଣା : ୧୦ ଛାତ୍ରଙ୍କ ଉପରୁ ଉଠିଲା ନିଲମ୍ବନ



**କଟକ, ୨୨/୭ ନ୍ୟୁଜ ବ୍ୟୁରୋ**

ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଗିଂ ଘଟଣାରେ ୧୦ ଜଣ ଛାତ୍ରଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିଛନ୍ତି ରେଭେନ୍ସା କର୍ତ୍ତୃପକ୍ଷ । ଏ ନେଇ ମଙ୍ଗଳବାର ଚିଫ୍ ୱାର୍ଡେନ ନୋଟିସ ମାଧ୍ୟମରେ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଗତ ଶନିବାର ବିଳମ୍ବିତ ରାତିରେ ଇଷ୍ଟ ହଷ୍ଟେଲର ୟୁଜି ତୃତୀୟ ବର୍ଷର ୧୦ଜଣ ଅନ୍ତେବାସୀ ୟୁଜିର ପ୍ରଥମ ବର୍ଷ ଛାତ୍ରଙ୍କୁ ଗାଲିଗୁଲଜ କରିବା ସହ ରାଗିଂ କରିଥିବା କର୍ତ୍ତୃପକ୍ଷ କହିଥିଲେ । ତେବେ ଘଟଣାର ତଦନ୍ତ କରି ରେଭେନ୍ସା କର୍ତ୍ତୃପକ୍ଷ ବିଶୃଙ୍ଖଳା ସୃଷ୍ଟି କରିଥିବା ଛାତ୍ରମାନଙ୍କୁ ତୁରନ୍ତ ହଷ୍ଟେଲ ଛାଡ଼ିବାକୁ ରବିବାର ସଂଧ୍ୟାରେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନିଲମ୍ବିତ ଛାତ୍ର ଧାରଣାରେ ବସିବା ସହ ବିନା ପ୍ରମାଣରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କହିଥିଲେ। ଏମିତିକି ରାଗିଂ ହୋଇଥିବା ଛାତ୍ର ମାନେ ମଧ୍ୟ ଗଣମାଧ୍ୟମ ସମ୍ମୁଖରେ ସେଭଳି କିଛି ଘଟିନାହିଁ ବୋଲି କହିଥିଲେ। ଏହାପରେ ଅଡୁଆରେ ପଡ଼ିଥିଲେ କର୍ତ୍ତୃପକ୍ଷ, ତେବେ ମଙ୍ଗଳବାର ଏହି ନିଷ୍ପତ୍ତି ପ୍ରତ୍ୟାହାର କରିଛନ୍ତି । ରେଭେନ୍ସା ରାଗିଂ ଅଭିଯୋଗ ଘଟଣା ପରେ ତାତିଥିଲେ ଛାତ୍ରଛାତ୍ରୀ । ଘଟଣାର ପ୍ରତିବାଦରେ କୁଳପତିଙ୍କ କାର୍ଯ୍ୟାଳୟର ଆଗରେ ପ୍ରଥମବର୍ଷ ଓ ତୃତୀୟ ବର୍ଷ ଇଷ୍ଟ ହଷ୍ଟେଲ ୟୁଜି ଛାତ୍ରମାନେ ଧାରଣା ଦେଇଥିଲେ। ରେଭେନ୍ସାରେ ଆମକୁ ତୃତୀୟ ବର୍ଷର ଛାତ୍ରମାନେ ରାଗିଂ କରିଥିବା ନେଇ ସମ୍ପୃକ୍ତ ଛାତ୍ରମାନେ କୁଳ ସଚିବଙ୍କୁ ଚିଠି ଲେଖିଥିଲେ। ଅଭିଯୋଗ ହେବା ପରେ ୧୦ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ କର୍ତ୍ତୃପକ୍ଷ। ଏହି ଘଟଣାରେ ତଦନ୍ତ କରିବା ପରେ ଏବେ ଛାତ୍ରଙ୍କ ଉପରୁ ନିଲମ୍ବନ ଉଠାଇ ଦିଆଯାଇଛି।

ଖାଲି ସେତିକି ନୁହେଁ, ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାଗିଂ ଘଟଣାରେ ଚିଫ୍ ୱାର୍ଡେନ୍ ସୁଦର୍ଶନ ମିଶ୍ର ମଧ୍ୟ ପ୍ରତିକ୍ରିୟା ରଖିଥିଲେ ଯେ, ଇଷ୍ଟ ହଷ୍ଟେଲର ସିନିୟର ଛାତ୍ରମାନେ ଜୁନିଅରମାନଙ୍କୁ ଗାଳି କରିବା ନେଇ ଆଣ୍ଟି ରାଗିଂ ସେଲ୍ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ କମିଟି ସୁପାରିସରେ ୧୦ ଜଣ ସିନିୟର୍ ଛାତ୍ରଙ୍କୁ ହଷ୍ଟେଲରୁ ନିଲମ୍ବିତ କରାଯାଇଛି । ଯଦି ଅଭିଯୋଗକାରୀ ଏଭଳି କିଛି ଘଟଣାକୁ ଅସ୍ୱୀକାର କରୁଛନ୍ତି ତେବେ ଆଣ୍ଟି ରାଗିଂ ସେଲ୍ ଏହାର ତଦନ୍ତ କରିବ ବୋଲି କହିଥିଲେ ଚିଫ୍ ୱାର୍ଡେନ ସୁଦର୍ଶନ ମିଶ୍ର ।

# ପୃଥିବୀ ତା'ର ଘୂର୍ଣ୍ଣନ ଗତି ବଦଳାଇଲା : ୨୪ ଘଣ୍ଟାରୁ ଛୋଟ ହୋଇଯିବ ଦିନ



**ନୂଆଦିଲ୍ଲୀ,୨୨/୦୭**

ଆମ ଗ୍ରହ ପୃଥିବୀରେ ଦିନରାତି ମିଶି ୨୪ ଘଣ୍ଟା ହୋଇଥାଏ । ମାତ୍ର ୨୨ ଜୁଲାଇ (ମଙ୍ଗଳବାର) ପୃଥିବୀ ତା'ର ସାଧାରଣ ଘୂର୍ଣ୍ଣନ ଅପେକ୍ଷା ଟିକିଏ ଦ୍ରୁତ ଗତିରେ ଘୂରୁଛି, ଯାହାଦ୍ୱାରା ସାଧାରଣ ଦିନ ଅପେକ୍ଷା ଛୋଟ ଦିନ ହେବାକୁ ଯାଉଛି । ଏହି ପାର୍ଥକ୍ୟ ଏତେ ଛୋଟ ହେବ ଯେ ଲୋକମାନେ ଏହାକୁ ଲକ୍ଷ୍ୟ କରିବେ ନାହିଁ କିନ୍ତୁ ବୈଜ୍ଞାନିକମାନେ ଏହା ଉପରେ ଧ୍ୟାନ ଦେଉଛନ୍ତି । ବୈଜ୍ଞାନିକଙ୍କ ମତରେ, ଯଦି ଏହି ଧାରା ଜାରି ରହେ ତେବେ ୨୦୨୯ ସୁଦ୍ଧା ଆମକୁ ଘଣ୍ଟାଏରୁ ଗୋଟିଏ ସେକେଣ୍ଡ ହଟାଇବାକୁ ପଡ଼ିପାରେ । ପୂର୍ବରୁ ଏକ ରିପୋର୍ଟ ଅନୁଯାୟୀ, ଗବେଷକମାନେ ଅଧ୍ୟୟନରେ ଜାଣିବାକୁ ପାଇଛନ୍ତି ଯେ ଗତ ପାଞ୍ଚ ବର୍ଷ ଧରି ପୃଥିବୀର ଘୂର୍ଣ୍ଣନ ଗତି ବୃଦ୍ଧି ପାଉଛି । ୨୦୨୦ ମସିହାରୁ, ପୃଥିବୀ ତା'ର ଅକ୍ଷ ଉପରେ ସାଧାରଣ ଅପେକ୍ଷା ଦ୍ରୁତ ଗତିରେ ଘୂରୁଛି । ଏହି କାରଣରୁ ବିଶ୍ୱ ଇତିହାସର ସବୁଠାରୁ ଛୋଟ ଦିନ ଅନୁଭବ କରିବାକୁ ଯାଉଛି । ବୈଜ୍ଞାନିକଙ୍କ କହିଛନ୍ତି ଯେ, ମଙ୍ଗଳବାର ହୋଇଥିବା ଛୋଟ ଦିନର ଏହି ପାର୍ଥକ୍ୟ କେବଳ ୧.୩୪ ମିଲିସେକେଣ୍ଡ ହେବ, ଯାହା ମାନକ ୨୪ ଘଣ୍ଟା ସମୟ ଅପେକ୍ଷା ଟିକିଏ କମ୍ ।

ବୈଜ୍ଞାନିକମାନେ କହିଛନ୍ତି ଯେ ପୃଥିବୀର ଗତି ସ୍ଥିର ନୁହେଁ । ଆମେ ବର୍ତ୍ତମାନ ଯେଉଁ ୨୪ ଘଣ୍ଟା ଅର୍ଥାତ୍ ୮୬,୪୦୦ ସେକେଣ୍ଡ ସହିତ ଅଭ୍ୟସ୍ତ, ବହୁ ପୂର୍ବରୁ ତାହାଠାରୁ ଗୋଟିଏ ଦିନ ବହୁତ କମ୍ ଥିଲା । ସୂଚନା ଅନୁଯାୟୀ, ୧୯୭୩ ମସିହାରେ (ଆଟମିକ୍ କ୍ଲକ୍ ଉଦ୍ଭାବନ ସହିତ) ରେକର୍ଡ ଆରମ୍ଭ ହେବାଠାରୁ ୨୦୨୦ ପର୍ଯ୍ୟନ୍ତ, ସବୁଠାରୁ ଛୋଟ ଦିନ ୨୪ ଘଣ୍ଟାରୁ ୧.୦୫ ମିଲିସେକେଣ୍ଡ କମ୍ ରେକର୍ଡ କରାଯାଇଥିଲା । କିନ୍ତୁ ୨୦୨୦ ପରଠାରୁ ପୃଥିବୀ ବାରମ୍ବାର ନିଜର ବେଗ ରେକର୍ଡ ଭାଙ୍ଗିଛି । ୨୦୨୫ ମସିହାକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ପୂର୍ବାନୁମାନ କରିଥିଲେ ଯେ ଜୁଲାଇ ୯, ଜୁଲାଇ ୨୨ ଏବଂ ଅଗଷ୍ଟ ୫ ତାରିଖ ବର୍ଷର ସବୁଠାରୁ ଛୋଟ ଦିନ ହୋଇପାରେ । ମାତ୍ର ନୂତନ ତଥ୍ୟ ଅନୁଯାୟୀ ଜୁଲାଇ ୧୦ ତାରିଖ ଏପର୍ଯ୍ୟନ୍ତ ସବୁଠାରୁ ଛୋଟ ଦିନ ଭାବରେ ଆଗରେ ଅଛି, ଯାହା ୨୪ ଘଣ୍ଟାରୁ କମ୍ ସମୟରେ ୧.୩୬ ମିଲିସେକେଣ୍ଡରେ ପହଞ୍ଚିଛି। ସେହିପରି ମଙ୍ଗଳବାର (ଜୁଲାଇ ୨୨) ତାରିଖରେ, ପୃଥିବୀ ଏହାର ଘୂର୍ଣ୍ଣନ ୧.୩୪ ମିଲିସେକେଣ୍ଡ ସହିତ ଶୀଘ୍ର ସମାପ୍ତ କରିଥିବା ଜଣାପଡିଛି। ଯାହା ଏହାକୁ ଇତିହାସର ସବୁଠୁ ଛୋଟ ଦିନ ତାଲିକାରେ ଦ୍ୱିତୀୟ ସ୍ଥାନରେ ରଖିଛି। ଯଦି ବର୍ତ୍ତମାନର ପୂର୍ବାନୁମାନ ପାଳନ କରାଯାଏ, ତେବେ ଅଗଷ୍ଟ ୫ ତାରିଖ ସାଧାରଣ ଅପେକ୍ଷା ପ୍ରାୟ ୧.୨୫ ମିଲିସେକେଣ୍ଡ କମ୍ ହେବ । ୨୦୨୩ ମସିହାର ଏକ ଅଧ୍ୟୟନ ଅନୁଯାୟୀ, ସୌର ବାୟୁମଣ୍ଡଳୀୟ ଜୁଆର ଏବଂ ଚନ୍ଦ୍ର ସମୁଦ୍ର ଜୁଆର ମଧ୍ୟରେ ସନ୍ତୁଳନ ଯୋଗୁଁ ପୃଥିବୀର ପ୍ରାରମ୍ଭିକ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଇଁ ପୃଥିବୀରେ ଗୋଟିଏ ଦିନ ପ୍ରାୟ ୧୯ ଘଣ୍ଟା ଥିଲା । ପରବର୍ତ୍ତୀ ସମୟରେ ପୃଥିବୀରେ ଗୋଟିଏ ଦିନ ସ୍ଥିର ଭାବରେ ଲମ୍ବା ହୋଇଛି । ଏହାର ମୁଖ୍ୟ କାରଣ ହେଉଛି ଚନ୍ଦ୍ରର ଜୁଆର ଘର୍ଷଣ, ଯାହା ଫଳରେ ଏହା ଧୀରେ ଧୀରେ ପୃଥିବୀଠାରୁ ଦୂରକୁ ଚାଲିଯାଇଛି । ଏହା ଦୂରେଇ ଯିବା ସହିତ ଚନ୍ଦ୍ର ପୃଥିବୀର ଘୂର୍ଣ୍ଣନ ଶକ୍ତିକୁ ଶୋଷିତ କରେ, ଯାହା ଫଳରେ ପୃଥିବୀର ଘୂର୍ଣ୍ଣନ ଧୀର ହୋଇଯାଏ ଏବଂ ଦିନ ଲମ୍ବା ହୁଏ । ସେହିପରି ୨୦୨୪ ମସିହାରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ଧ୍ରୁବୀୟ ବରଫ ତରଳିବା ଏବଂ ସମୁଦ୍ର ସ୍ତର ବୃଦ୍ଧି ପାଉଥିବା ଯୋଗୁଁ ପୃଥିବୀର ଘୂର୍ଣ୍ଣନକୁ ପ୍ରଭାବିତ କରିପାରେ । ମସ୍କୋ ଷ୍ଟେଟ୍ ୟୁନିଭରସିଟିର ପୃଥିବୀ ଘୂର୍ଣ୍ଣନ ଉପରେ ଜଣେ ପ୍ରମୁଖ ଅଧିକାରୀ ଲିଓନିଡ୍ ଜୋଟୋଭ୍‌କହିଛନ୍ତି, 'ଏହି ତ୍ୱରଣର କାରଣ ଜଣାପଡିନାହିଁ ।' ଜୋଟୋଭ୍ ଏହା ମଧ୍ୟ ଭବିଷ୍ୟବାଣୀ କରିଛନ୍ତି ଯେ ପୃଥିବୀର ଘୂର୍ଣ୍ଣନ ଶୀଘ୍ର ପୁଣି ଥରେ ହ୍ରାସ ପାଇପାରେ ।